ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯବେକ୍ଷକ

Vol.26 . No.252 Bhubaneswar Friday November 17 2023 | ୨୬ତମ ବର୍ଷ | ସଂଖ୍ୟା-୨୫୨ ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଟନେଲ ଭିତରେ ୪୦ ଜୀବନ; ଓଡିଆ ଶ୍ରମିକ କହିଲେ- ଆମେ ସୁସ୍ଥ ଅଛୁ



ଭୁବନେଶ୍ୱର,୧୬।୧୧(ପି.ଏନ):ଦୀର୍ଘ ୫ ଦିନ ହେଲା ଟନେଲ ଭିତରେ ଫସିଛନ୍ତି ୪୦ ଜଣ ଶ୍ରମିକ। ସେମାନଙ୍କୁ ଉଦ୍ଧାର ପାଇଁ ଆରମ୍ଭ ହୋଇଥିବା ଅପରେସନ ଆଜି ୫ମ ଦିନରେ ପହଞ୍ଚିଛି। ହେଲେ ଏଯାଏ ମିଳିନି କୌଣସି ସଫଳତା। ଉତ୍ତରାଖଣ୍ଡର ଉତ୍ତରକାଶୀ ଟନେଲ ଭିତରୁ ଶ୍ରମିକଙ୍କୁ ବାହାର କରିବା ପାଇଁ ଆହୁରି ଦୁଇ ୩ ଦିନ ସମୟ ଲାଗିବ। ଉଦ୍ଧାର କାର୍ଯ୍ୟ ପାଇଁ ଥାଇଲ୍ୟାଣ୍ଡର ବିଶେଷଜ୍ଞମାନଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଉଛି।ଏସବୁ ଭିତରେ ଟନେଲ ଭିତରେ ଫସି ରହିଥିବା ଶ୍ରମିକଙ୍କ ପାଖରୁ ଆସିଛି ପ୍ରଥମ ବାର୍ତ୍ତା। ଫସିଥିବା ଶ୍ରମିକଙ୍କ ମଧ୍ୟରେ ରହିଥିବା ଧୀରେନ ଆଜି ପାଇପ ଯୋଗେ ତାଙ୍କ ପରିବାର ଲୋକଙ୍କ ସହ କଥା ହୋଇଛନ୍ତି। ସେ ଓ ଅନ୍ୟ ଶ୍ରମିକମାନେ ସୁସ୍ଥ ରହିଥିବା ସେ ସୂଚନା ଦେଇଛନ୍ତି।

## ଦାନ୍ତ ଡାକ୍ତର କରୁଥିଲେ ବ୍ରାଉନସୁଗର ବେପାର, ଗିରଫ କଲା ପୁଲିସ

ଭୁବନେଶ୍ୱର,୧୬।୧୧(ପି.ଏନ): ବ୍ରାଉନ୍ସୁଗର ବେପାର କରୁଥିବା ଅଭିଯୋଗରେ ଯାଜପୁର ଥାନା ପୁଲିସ୍ ଜଣେ ଦାନ୍ତ ଡାକ୍ତରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧୫.୨ ଗ୍ରାମ ବ୍ରାଉନ୍ସୁଗର ଓ ୪ଟି ମୋବାଇଲ ଜବତ କରାଯାଇଛି।ଗିରଫ ଡାକ୍ତରଙ୍କ ନାଁ ନିଗମା ନନ୍ଦ ଖଟୁଆ (୨୮)। ସେ ଯାଜପୁର ଥାନା ଅଞ୍ଚଳରେ ମହାବୀର ନଗରରେ ଏକ କ୍ଲିନିକ୍ କରିଛନ୍ତି। ଗିରଫ ହୋଇଥିବା ଅନ୍ୟ ଦୁଇ ଅଭିଯୁକ୍ତ ହେଉଛନ୍ତି ଯାଜପୁର ଥାନା ଅନ୍ତର୍ଗତ ସୁନ୍ଦେରେଇମୁହାଁର ସନ୍ଦୀପ ମଲ୍ଲିକ (୨୮) ଓ ସିଦ୍ଧେଶ୍ୱରର ରକ୍ଷାକର ଦୀକ୍ଷିତ (୨୭)।ଯାଜପୁର ଏସ୍ ?ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି ଯେ ଗତକାଲି ସନ୍ଧ୍ୟାରେ ଚ଼ ?।ଉ ବେଳେ ସନ୍ଦୀପ ମଲ୍ଲିକ ଓ ରକ୍ଷାକର ଦୀକ୍ଷିତଙ୍କଠାରୁ ବ୍ରାଉନସୁଗର ଜବତ କରାଯାଇଥିଲା। ସନ୍ଦୀପଙ୍କ ଠାରୁ ୧୨.୪ ଗ୍ରାମ ଓ ରକ୍ଷାକରଙ୍କଠାରୁ ୧୨.୮ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା।

## ଆଜି ଗଭୀର ଅବପାତର ରୂପ ନେବ ଅବପାତ ! ୧୩ କିମି ବେଗରେ କରୁଛି ଗତି, ଏହି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ଭୁବନେଶ୍ୱର,୧୬।୧୧(ପି.ଏନ): ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଗୁରୁବାର ଅବପାତରେ ପରିଣତ ହୋଇଛି । ଆଜି ଗଭୀର ଅବପାତର ରୂପ ନେବ ଅବପାତ । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗତ ୬ଘଣ୍ଟା ହେବ ୧୩ କିମି ବେଗରେ ଗତି କରୁଛି । ପାରାଦୀପରୁ ୪୮୦ କିମି ଦୂରରେ ଅଛି ଅବପାତ । ଉତ୍ତରକୁ ଗତି କରି ଗଭୀର ଅବପାତର ରୂପ ନେବ । ପରେ ଏହା ରିକର୍ଭ କରି ଉତ୍ତର-ଉତ୍ତରପୂର୍ବ ଦିଗ ମୁହାଁଇବ । ଆସନ୍ତାକାଲି ସକାଳେ ବାଂଲାଦେଶ ଉପକୂଳ ଅତିକ୍ରମ କରିବ ।ଏହାର ପ୍ରଭାବରେ ରାଜ୍ୟର ବହୁ ସ୍ଥାନରେ ବୁଧବାର ସନ୍ଧ୍ୟାରୁ ବର୍ଷା ଆରମ୍ଭ ହୋଇଯାଇଛି । ଏହି ଅବପାତ ଘନୀଭୂତ ହୋଇ ୧୬ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଗଭୀର ଅବପାତର ରୂପ ନେଇପାରେ । ପରେ ଏହା ଧୀରେ ଧୀରେ ଗତିପଥ ବଦଳାଇ ଉତ୍ତର, ଉତ୍ତର-ପୂର୍ବ ଦିଗରେଗତିକରି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଓଡିଶା ଉପକୂଳମୁହାଁ ହେବ । ଏହାର ପ୍ରଭାବରେ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ବିଭାଗ ସୂଚନା ଦେଇଛନ୍ତି ।୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଏହିସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ତେବେ ଆଇଏମ୍ଡି ଡିଜି କହିଛନ୍ତି ଯେ ଗଭୀର ଅବପାତରେ ଲଘୁଚାପ ପରିଣତ ହେଲେ ମଧ୍ୟ ଓଡିଶାକୁ ବେଶୀ ବିପଦ ନାହିଁ । ତେବେ ୩ ଜିଲ୍ଲା ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁରକୁ ଆଲର୍ଟରେ ରଖାଯାଇଛି । ବର୍ଷା ସମୟରେ ଘଣ୍ଟାପ୍ରତି ୪୫ରୁ ୬୫ କିମି ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ୧୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି ।

## ଚ଼ିନ୍ତା ପ୍ରକଟ କରିଥିଲେ କୋର୍ଟ, ତଥାପି ୧୦ ବିଲ୍‌କୁ ଫେରାଇ ଦେଲେ ରାଜ୍ୟପାଳ



ଭୁବନେଶ୍ୱର,୧୬।୧୧(ପି.ଏନ): ନିର୍ବାଚ଼ିତ ସରକାରଙ୍କ ନିଷ୍ପତ୍ତି ବିରୋଧରେ ତାମିଲନାଡୁ ରାଜ୍ୟପାଳ ଏସ୍ ରବି କାମ କରୁଥିବା ନେଇ ଅଭିଯୋଗ ହେବା ପରେ ସୁପ୍ରିମକୋର୍ଟ ନିକଟରେ ଗଭୀର ଚ଼ିନ୍ତା ପ୍ରକଟ କରିଥିଲେ। ତଥାପି ରାଜ୍ୟପାଳ ଏସ୍ ରବି ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ ହୋଇଥିବା ୧୦ଟି ବିଲ୍‌କୁ ଅନୁମୋଦନ ନ ଦେଇ ଫେରାଇ ଦେଇଛନ୍ତି। ରାଜ୍ୟପାଳ ଫେରାଇ ଦେଇଥିବା ୧୦ ବିଲ୍ ମଧ୍ୟରେ ପୂର୍ବରୁ କ୍ଷମତାରେ ଥିବା ଏଆଇଏଡିଏମ କେ ରର ମଧ୍ୟ ୨ଟି ବିଲ ରହିଛି।ପଞ୍ଜାବ ଓ ତାମିଲନାଡୁ ସରକାର ବିଧାନସଭାରେ ପାରିତ ହେଉଥିବା ବିଲ୍‌କୁ ଅନୁମୋଦନ ଦେବାରେ ବିଳମ୍ବ କରୁଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ନିକଟରେ ଏହା ଶୁଣାଣି କରି ଉଭୟ ରାଜ୍ୟର ରାଜ୍ୟପାଳଙ୍କ ଉପରେ ବର୍ଷିଥିଲେ। ଏପରି ଅଭିଯୋଗ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି କୋର୍ଟ କହିଥିଲେ।

## ବିଦ୍ୟୁତ୍ ସଟ୍‌ସର୍କିଟରୁ ଜଳିଗଲା ୨ ବଖରା



ଧର୍ମଶାଳା,୧୬।୧୧(ପିଏନ୍): ଧର୍ମଶାଳା ତହସିଲ ଅଭୟପୁର ପଂଚାୟତ ସେବତୀପୁର ଗ୍ରାମର ମାନସ ରନ ମଲିକଙ୍କ ୨ ବଖରା ଛଣ ଛପର ଘର ଆଜି ମଧ୍ୟାହ୍ନରେ ଜଳିଯାଇଛି। ବିଦ୍ୟୁତ୍ ସଟ୍‌ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି । ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତି ନଷ୍ଟ ହୋଇଥିବା କୁହାଯାଇଛି । ପ୍ରକାଶ ଯେ, ସେବତୀପୁର ଗ୍ରାମର ମାନସଙ୍କ ଘର ନିକଟରେ ବିଦ୍ୟୁତ୍ ଖୁ□ ରହିଛି । ଖୁ□ ସହିତ ବିଦ୍ୟୁତ୍ ତାର(ଏଲ୍‌ଟି ଲାଇନ୍)ରେ ଗଛଲତା ମାଡ଼ିଯାଇଛି। ଏ ସଂପର୍କରେ ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାକୁ ସଫା କରାଗଲା ନାହିଁ । ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଆଜି ଅଗ୍ନିବିପନ୍ନ ପରିବାରକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଲା । ହାଲକା ପବନ ହେବାରୁ ତାରରୁ ନିଆଁ ଖସି ଶ୍ରୀ ମଳିକଙ୍କ ଘରେ ନିଆଁ ଲାଗିଯାଇଥିଲା। ଘର ଲୋକ ଜାଣିଲା ବେଳକୁ ଘର ସାରା ନିଆଁ ଧରିଗଲାଣି । ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ବାସନକୁସନ ସମେତ ବିଭିନ୍ନ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଚଣ୍ଡିଖୋଲ ଦମକଳ ବାହିନୀ ପହଁଚିଲା ବେଳକୁ ଗ୍ରାମବାସୀ ନିଆଁକୁ ଆୟତ କରିସାରିଥିଲେ । ବିପଦସଙ୍କୁଳ ଅବସ୍ଥାରେ ଗାଁ ମଝିରେ ବିଦ୍ୟୁତ୍ ତାର ଯାଇଥିବା ବେଳେ ଏହାର ମରାମତି କରିବାକୁ ଦାବି ଜୋର୍ ଧରିଛି । ଖବର ପାଇ ଶ୍ରୀନଗର ଆର୍‌ଆଇ ସ୍ମିତାଳି ମହାନ୍ତି ପହଁଚି ଘଟଣାର ତଦନ୍ତ କରି ଫେରିଥିଲେ ମଧ୍ୟ ପରିବାରକୁ ପାଲ ଖଣ୍ଡେ ବି ମିଳିନାହିଁ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ଆବାସ ଯୋଗାଇ ଦେବାକୁ ଯୁବନେତା ପ୍ରଶାନ୍ତ କୁମାର ଗନ୍ତାୟତ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## କାର୍ଯ୍ୟକାରୀ ହେଉନି ଅତିରିକ୍ତ ତହସିଲଦାରଙ୍କ ବଦଳି ନିର୍ଦ୍ଦେଶ !

ଧର୍ମଶାଳା,୧୬।୧୧(ପିଏନ୍): କାର୍ଯ୍ୟକାରୀ ହେଉନି ଧର୍ମଶାଳା ଅତିରିକ୍ତ ତହସିଲଦାର ତପନ କୁମାର ମଲିକଙ୍କ ବଦଳି ନିର୍ଦ୍ଦେଶ। ଏକ ମାସ ହେଲା ଶ୍ରୀ ମଲିକଙ୍କ ପୁରୀ ଜିଲ୍ଲା କାକଟପୁର ଉପନିବନ୍ଧକ ଭାବେ ପଦୋନ୍ନତି ପାଇଥିଲେ ମଧ୍ୟ ସେ ସେଠାରେ ଯୋଗ ଦେଉନାହାଁନ୍ତି। ବରଂ ବଦଳିକୁ ବାତିଲ୍ କରିବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଗତବର୍ଷ ଅକ୍ଟୋବର ୨୬ତାରିଖରେ ଶ୍ରୀ ମଲିକ୍ ଧର୍ମଶାଳାର ଅତିରିକ୍ତ ତହସିଲଦାର ଭାବେ ଯୋଗ ଦେଇଥିଲେ । ତେବେ ଗତମାସ ୧୭ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ନଂ-୩୬୯୮୨ରେ ଶ୍ରୀ ମଲିକଙ୍କ ସମେତ ଆଉ କେତେକ ଓଆର୍‌ଏସ୍ ଅଧିକାରୀଙ୍କୁ ରାଜ୍ୟ ବିଭିନ୍ନ ସ୍ଥାନକୁ ବଦଳି ଓ ନିଯୁକ୍ତି ଦିଆଯାଇଛି। ଶ୍ରୀ ମଲିକଙ୍କୁ କାକଟପୁର ସବ୍‌ରେଜିଷ୍ଟାର ଭାବେ ପଦୋନ୍ନତି ଦିଆଯାଇଛି । ଏହି ବଦଳି ନିର୍ଦ୍ଦେଶକୁ ଏକମାସ ବିତି ଯାଇଥିଲେ ମଧ୍ୟ ଅତିରିକ୍ତ ତହସିଲଦାର ଶ୍ରୀ ମଲିକ ଧର୍ମଶାଳା ଛାଡୁ ନଥିବା ଅଭିଯୋଗ ହୋଇଛି। ଉଲ୍ଲେଖ ଯୋଗ୍ୟ, ଏହାପୂର୍ବରୁ ବିବାଦୀୟ ତହସିଲଦାର ସ୍ୱାଗତ ଦାସଙ୍କ ଭୁବନେଶ୍ୱର ମୁନ୍‌ସିପାଲଟିର ଅତିରିକ୍ତ କମିଶନର ଭାବେ ବଦଳି ହୋଇଥିଲେ ମଧ୍ୟ ବଦଳି ନିର୍ଦ୍ଦେଶକୁ ଅବମାନନା କରି ସେ ୩ମାସ ପର୍ଯ୍ୟନ୍ତ ଏଠାରେ ରହିଥିଲେ। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତହସିଲଦାର ଶ୍ରୀ ଦାସ ଧର୍ମଶାଳା ଛାଡ଼ିଥିଲେ। ସମାନ ପଦ୍ଧତି ଆପଣାଇ ଅତିରିକ୍ତ ତହସିଲଦାର ଶ୍ରୀ ମଲିକ ମଧ୍ୟ ନିଜ ପଦବୀ ଛାଡୁନାହାଁନ୍ତି। ତେବେ ସରକାରୀ ବଦଳି ଓ ପଦୋନ୍ନତି ନିର୍ଦ୍ଦେଶକୁ ଅବମାନନା କରି ଅଧିକାରୀମାନେ କାହିଁକି ଧର୍ମଶାଳା ଛାଡ଼ିବାକୁ ଇଛା କରୁନାହାଁନ୍ତି, ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସଂପର୍କରେ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ତୁରନ୍ତ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାନଗଲେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ୧୪ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଚେତାବନୀ ଦେଇଛନ୍ତି। ତେବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶମତେ ସେ ଏଠାରେ ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ କାମ କରିବେ। ଏହା ପରେ ଜିଲ୍ଲାପାଳ ଯାହା ନିଷ୍ପତି ନେବେ ବୋଲି ଶ୍ରୀ ମଲିକ କହିଛନ୍ତି ।

## କାରଖାନାରେ ବିସ୍ଫୋରଣ ଘଟି ଜଣେ ମୃତ, ୨ଗୁରୁତର





ରାଉରକେଲା,୧୬।୧୧(ପି.ଏନ): କାରଖାନାରେ ବିସ୍ଫୋରଣ ଘଟିବା ଖବର ସାମ୍ନାକୁ ଆସିଛି । ବିସ୍ଫୋରଣରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, ରାଉରକେଲା କୁଳାଙ୍ଗା ଶୁଭମ୍ ଇସ୍ପାତ କାରଖାନାରେ ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଅଛନ୍ତି । ଗ୍ୟାସ ପାଇପ୍ ଲିକରୁ ବିସ୍ଫୋରଣ ହୋଇଛି ବୋଲି ସୂଚନା ମିଳିଛି । ମୃତ ଶ୍ରମିକ ଜଣକ ଯାଜପୁରର ବୋଲି ଜଣାପଡିଛି ।କାରଖାନାରେ ବିସ୍ଫୋରଣ ଘଟିବା ପରେ ସଂଗେ ସଂଗେ ଅଗ୍ନିଶମ ବାହିନୀଙ୍କୁ ଡକାଯାଇଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଛି । ଏହାପରେ ନିଆଁରେ ଫଶିରହିଥିବା ୩ଜଣଙ୍କୁ ଉଦ୍ଧାର କରାଯାଇଛି । ଏଥିରେ ଥିବା ଦୁଇ ଜଣ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି

## ଓଡିଆ ନବବର୍ଷରୁ ନୂଆ ରନ୍ ପଲଙ୍କରେ ଶୋଇବେ ମହାପ୍ରଭୁ

ଭୁବନେଶ୍ୱର,୧୬।୧୧(ପି.ଏନ): ଓଡିଆ ନବବର୍ଷ ପଣା ସଂକ୍ରାନ୍ତିରୁ ନୂଆ ରନ୍ ପଲଙ୍କରେ ଶୟନ କରିବେ ମହାପ୍ରଭୁ। ଏନେଇ ସୂଚ଼ନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ। ଆଜି ବସିଥିବା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ କହିଛନ୍ତି, ମହାପ୍ରଭୁଙ୍କ ରନ୍ ପଲଙ୍କ ଗୁଡିକ ବହୁଦିନ ତଳେ ନିର୍ମାଣ ହୋଇଥିଲା। ତେଣୁ ସେହି ପଲଙ୍କ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆସନ୍ତାକାଲି (ଶୁକ୍ରବାର)ଠାରୁ ମହାପ୍ରଭୁଙ୍କ ରନ୍ ପଲଙ୍କ ମରାମତି କାମ ଆରମ୍ଭ ହେବ। ୩ଟି ପଲଙ୍କ ନିର୍ମାଣ ପାଇଁ ବର୍ମା ଟିକ୍ ? କାଠ ବ୍ୟବହାର ହେବ। ସେଥିପାଇଁ ଆବଶ୍ୟକ କାଠ ରହିଛି। ପଲଙ୍କରେ ବ୍ୟବହାର ହେବାକୁ ଥିବା ରୁପା ଜଣେ ଡୋନର ଦେଇଛନ୍ତି। ବର୍ତ୍ତମାନ ରୁପା ଆମ ପାଖରେ ରହିଛି। ହାତୀ ଦାନ୍ତ ମିଳିବାରେ ସମସ୍ୟା ଦେଖାଦେଉଛି। ତେଣୁ ପୁରୁଣା ପଲଙ୍କରେ ଲାଗିଥିବା ହାତୀ ଦାନ୍ତକୁ ଆଉଥରେ ବ୍ୟବହାର କରାଯିବ।

## ଆର୍ଥିକ ପରିଚ଼ାଳନାରେ ସାରା ଦେଶପାଇଁ ଉଦାହରଣ: ପୁଣି ଓଡିଶା ସାଜିଲା ରୋଲ୍ ମଡେଲ



ଭୁବନେଶ୍ୱର,୧୧୬।୧୧(ପି.ଏନ): ରାଜ୍ୟରେ ଶାସନ କରୁଥିବା ନବୀନ ପଟ୍ଟନାୟକଙ୍କ ସରକାର ରାଜ୍ୟବାସୀଙ୍କ ବିକାଶ ପାଇଁ ବହୁବିଧ ଯୋଜନା ପ୍ରଣୟନ କରୁଛନ୍ତି । ଯାହାର ସୁଫଳ ରାଜ୍ୟବାସୀ ପାଇପାରୁଛନ୍ତି । ଅନ୍ୟପକ୍ଷରେ ବିପର୍ଯ୍ୟୟ ପରିଚ଼ାଳନାଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ନବୀନ ସରକାର ଦେଶପାଇଁ ରୋଲ ମଡେଲ ସାଜିଛନ୍ତି । ବାତ୍ୟା ହେଉ ବା ବନ୍ୟା ଅଥବା ମରୁଡି ସବୁଥିରେ ସୁପରିଚ଼ାଳନା ପାଇଁ ସାରା ଦେଶରେ ନବୀନ ପଟ୍ଟନାୟକଙ୍କ ସରକାର ଏକନମ୍ବର ସ୍ଥାନ ହାସଲ କରିଛି ।ତେବେ ପୁଣିଥରେ ଆର୍ଥିକ ପରିଚ଼ାଳନାରେ ସାରା ଦେଶପାଇଁ ଉଦାହରଣ ପାଲଟିଛି ଓଡିଶା । ନୂଆ ଓଡିଶା, ରୂପାନ୍ତରିତ ଓଡିଶା ଓ ନବୀନ ଓଡିଶାର ଆଉ ଏକ ସଫଳତା ସାମ୍ନାକୁ ଆସିଛି । ସାରା ଦେଶରେ ରାଜସ୍ୱ ବଳକା ଭାବେ ଓଡିଶା ଏକନମ୍ବର ସ୍ଥାନ ପାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତା ଓ ୫-ଟି ସଂସ୍କାରର ଫଳସ୍ୱରୂପ ଏହା ସମ୍ଭବ ହୋଇପାରିଛି । ୨୦୨୧-୨୨ ଆର୍ଥିକ ବର୍ଷକୁ ନେଇ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ ଓଡିଶା ଏକନମ୍ବର ରାଜ୍ୟଭାବେ ୪୩,୪୭୧ କୋଟି ଟଙ୍କାର ବଳକା ରାଜସ୍ୱ ପାଇଛି ।ସେହିପରି ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନ, କର୍ଣ୍ଣାଟକ, ପଞ୍ଜାବ, ହରିଆଣା, ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ପଛରେ ପକାଇ ଓଡିଶା ଏହି ସଫଳତା ହାସଲ କରିଛି । ଓଡିଶା ବ୍ୟତୀତ ଉପରୋକ୍ତ ରାଜ୍ୟମାନେ ଏବେ ରାଜସ୍ୱ ନିଅଣ୍ଟରେ ସରକାର ଚ଼ଳାଉଛନ୍ତି । ରାଜସ୍ୱ ବଳକାରେ ଓଡିଶା ପଛକୁ ରହିଛନ୍ତି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ଝାଡଖଣ୍ଡ ଓ ଛତିଶଗଡ । ୟୁପି, ମଧ୍ୟପ୍ରଦେଶ ଓ ଗୁଜରାଟରେ ବିଜେପି ସରକାର ଶାସନ କରୁଥିବାବେଳେ ଛତିଶଗଡ ଓ ଝାଡଖଣ୍ଡରେ କଂଗ୍ରେସ ଓ ଜେଏମ୍‌ଏମ୍‌ଶା ସନ କରୁଛନ୍ତି । ସୂଚ଼ନାଯୋଗ୍ୟ ଯେ ଓଡିଶାର ଆର୍ଥିକ ପରିଚ଼ାଳନାକୁ ଉଭୟ କେନ୍ଦ୍ର ସରକାର ଓ ନୀତି ଆୟୋଗ ଲଗାତର ପ୍ରଶଂସା କରି ଆସୁଛନ୍ତି ।

## ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପଦ ଖାଲି: ଓଡିଶା ହାଇକୋର୍ଟ ପକ୍ଷରୁ ଆସିଛି ନିଯୁକ୍ତି ସୁଯୋଗ, ଆବେଦନ ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି



ଭୁବନେଶ୍ୱର,୧୬।୧୧(ପି.ଏନ): ଚ଼ାକିରି ଖୋଜୁଥିବା ରାଜ୍ୟର ସମସ୍ତ ଆଶାୟୀଙ୍କ ପାଇଁ ଆସିଛି ଏକ ଖୁସି ଖବର । ଓଡିଶା ହାଇକୋର୍ଟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସଓ) ପଦ ପୂରଣ ପାଇଁ ବିଜ୍ଞପ୍ତି ଜାରି କରାଯାଇଛି । ଏଥିପାଇଁ ନଭେମ୍ବର ମାସ ୨ ତାରିଖରୁ ଅନଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ୧୭ ତାରିଖରେ ସମାପ୍ତ ହେବ । ଯୋଗ୍ୟ ପ୍ରାର୍ଥୀଙ୍କୁ ଓଆରଏସପି ରୁଲ୍ସ, ୨୦୧୭ ଅଧିନରେ ସ୍କ?ଲ ପେ' ୩୫,୪୦୦ – ୧,୧୨,୪୦୦ ଲେବଲ-୯ରେ ବେତନ ମିଳିବ ।ଆବେଦନର ଆରମ୍ଭ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କର ସର୍ବନିମ୍ନ ବୟସ ୨୧ ଓ ସର୍ବାଧିକ ବୟସ ୩୭ ବର୍ଷ ହୋଇଥିବା ଆବଶ୍ୟକ । ଅନୁସୂଚିତ ଜନଜାତି (ଏସଟି) ବର୍ଗର ପ୍ରାର୍ଥୀଙ୍କ ପାଇଁ ବୟସ କୋହଳ କରାଯିବ । ପ୍ରାର୍ଥୀ ଯେ କୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ବ୍ୟାଚେଲର ଡିଗ୍ରୀ ହାସଲ କରିବା ସହିତ କମ୍ପ୍ୟୁଟର ଜ୍ଞାନ ରହିଥିବା ଆବଶ୍ୟକ । ମୋଟ ୫୩ଟି ପଦ ଖାଲି ରହିଥିବା ବେଳେ ସେଥିରେ ଏସଟି ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବ ।ଏଥିରେ ପ୍ରିଲିମିନାରୀ ପରୀକ୍ଷା, ମୁଖ୍ୟ ପରୀକ୍ଷା, କମ୍ପ୍ୟୁଟର ଆପ୍ଲିକେସନ ଟେଷ୍ଟ ଓ ଭିଭା-ଭକ ଟେଷ୍ଟ ରହିଛି । ପ୍ରିଲିମିନାରୀ ପରୀକ୍ଷାରେ ୨ ଘଣ୍ଟାରେ ପ୍ରାର୍ଥୀଙ୍କୁ ୧୫୦ ମାର୍କର ପରୀକ୍ଷା ଦେବାକୁ ପଡିବ । ପରୀକ୍ଷାରେ ଗ୍ରାଜୁଏସନ ସ୍ତରର ପ୍ରଶ୍ନ ଆସିବ । ଜେନେରାଲ ଇଂରାଜୀ, ଜେନେରାଲ ନଲେଜ, ଲଜିକାଲ ରିଜୋନିଂ ଓ କ୍ୱାଣ୍ଟିଟେଟିଭ୍ ଆପ୍ଟିଚ୍ୟୁଡରୁ ପ୍ରଶ୍ନ ଆସିବ । ମୁଖ୍ୟ ପରୀକ୍ଷାରେ ଇଂରାଜୀରେ ୧୦୦ ମାର୍କ, ଗଣିତରେ ୧୦୦ ମାର୍କ, ସାଧାରଣ ଜ୍ଞାନ ଓ ରିଜୋନିଂରେ ୧୦୦ ମାର୍କର ପ୍ରଶ୍ନ ଆସିବ । କମ୍ପ୍ୟୁଟର ଆପ୍ଲିକେସନରେ ଥିଓରିରେ ୫୦ ମାର୍କ ଓ ଦକ୍ଷତା ଟେଷ୍ଟରେ ୫୦ ମାର୍କର ପରୀକ୍ଷା କରାଯିବ । ଆବେଦନ ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି ରହିଥିବା ବେଳେ ପ୍ରାର୍ଥୀମାନେ ଏହି ବଡ ସୁଯୋଗ ହାତଛଡା କରନ୍ତୁ ନାହିଁ ।








## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଫିସରେ ଭଲ ଆୟ କରିନଥିଲେ ମଧ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା

ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା,



ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

## ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୭

# କିଏ ବୁଝେ ପିଲାମନ ?

ପାଠପଢ଼ାର ତାଗିଦା ଓ ମୋବାଇଲ ଫୋନର ବ୍ୟବହାରକୁ ନେଇ ଘରେ ବିରକ୍ତି ହେବାରୁ କଟକର ଜଣେ ବିଦ୍ୟାଳୟ ଛାତ୍ର ନିଜ ଜୀବନ ହାରିଛନ୍ତି। ଓଡ଼ିଶାରେ ଆମ ଦେଖିବା ଭିତରେ ଏହିପରି ଘଟଣା ନିୟମିତ ଭାବେ ପ୍ରାୟତଃ ଘଟୁଛି। ଅନେକ ସମୟରେ କିଛିଦିନ ପାଇଁ ଏ ଚର୍ଚ୍ଚା ଲାଗିରହିଥାଏ ପରେ ସବୁ ଠିକଠାକ ଯେପରି ହୋଇଯାଏ। କଅଁଳ ମନରେ ପିଲାଟି ଭିତରେ ଜୀବନକୁ ଚିହ୍ନିବା ପୂର୍ବରୁ ସେମାନେ ଜୀବନକୁ ହାରି ଦେବା ପାଇଁ କାହିଁକି ନିଷ୍ପତ୍ତି ନେଉଛନ୍ତି ? ଦୋଷ କାହାର ? ଏବଂ ଦାୟିତ୍ୱ କାହାର ? ପିଲାମାନଙ୍କ ପାଇଁ ସବୁଠାରୁ ମୂଲ୍ୟବାନ ଓ ଉତ୍ତମ ତଥା ଶ୍ରେଷ୍ଠ ବନ୍ଧୁ ହେଉଛନ୍ତି ତାଙ୍କ ବାପା-ମାଆ। ଯେତେବେଳେ ଘରୁ ଏବଂ ତା ଆଖପାଖ ଦୁନିଆରୁ ପିଲାଟି ନିଜ ଲୋକଙ୍କ ଠାରୁ ଭଲ ବ୍ୟବହାର ପାଇନଥାଏ ସେ ଜୀବନ ହାରିବା ପାଇଁ ନିଷ୍ପତ୍ତି ନେଇଥାଏ। ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି ? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି ? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି ? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟିପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଜା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ। ଶିଶୁ ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି – କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ । ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ – ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ । ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ। ପିଲାଟିର ବାପା-ମାଆ ସେମାନଙ୍କର ରୋଲ ମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ସମୟ ବଦଳୁଥିବାରୁ ପିଲାଙ୍କ ହାତରେ ମୋବାଇଲ ଫୋନ ରହୁଛି। ପିଲା ଦୁନିଆ ବିଷୟରେ ଅଧିକ ଅବଗତ ହେବାକୁ ଭଲ ପାଉଛନ୍ତି। ଭଲ ବିଷୟ ହେଉ ବା ମନ୍ଦ ବିଷୟ, ପିଲା ମୋବାଇଲରେ ଦେଖୁଛନ୍ତି। ଏହା ତାଙ୍କ ପାଠପଢ଼ା ଉପରେ ପ୍ରଭାବ ପକାଉଛି। ତେବେ ପିଲାର ଏଭଳି ବ୍ୟବହାରକୁ ନେଇ ଅଭିଭାବକ ହଠାତ୍ ବିରକ୍ତ ହୁଅନ୍ତୁନି। ପିଲା କାହିଁକି ଅଧିକ ଫୋନ ଦେଖୁଛି ଓ ଫୋନ ଦେଖିବା ଦ୍ୱାରା ତା ମଧ୍ୟରେ କ'ଣ ପରିବର୍ତ୍ତନ ଆସୁଛି ତାହାକୁ ଭଲଭାବେ ନଜର କରନ୍ତୁ। କିଛି ନା କିଛି କାରଣ ଜଣାପଡ଼ିବ। ଏହାପରେ ସେହି କାରଣ ବିଷୟରେ ପିଲା ସହିତ କଥା ହୁଅନ୍ତୁ। ତାକୁ ତାର ଭବିଷ୍ୟତ ବିଷୟରେ ବୁଝାନ୍ତୁ। ପିଲା ନିଶ୍ଚିନ୍ତ ବୁଝିବ। ବାପା-ମାଆ କରୁଥିବା ଚିନ୍ତାର ଅନ୍ତ ହେବ। ମାତ୍ର ହଠାତ୍ ରାଗିକି ଗାଳିମନ୍ଦ କଲେ ପିଲା ବାପା-ମାଆଙ୍କ ଠାରୁ ଦୂରେଇଯିବ। ତା କଥା କେହି ବୁଝୁନାହାନ୍ତି ବୋଲି ଭାବି କିଛି ଗୋଟେ ଭୁଲ କରିଦେବ। ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# 'ବକ୍ସିପାତ୍ର' ଏକ ବିରଳ ବ୍ୟକ୍ତିତ୍ୱ

ସଦାଶିବ ମହାପାତ୍ର

ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ନାଁ ଶୁଣିଲେ ମନ ଭିତରେ ଏକ ଆଲୋଡ଼ନ ଆସେ। ଦାନରେ ହରିଶ୍ଚନ୍ଦ୍ର ଓ ବୀରତ୍ୱରେ ବକ୍ସି ମିଶା ନାଁଟିଏ। ରାୟଗଡ଼ାର ବିଖ୍ୟାତ ପରିବାରରେ ତାଙ୍କର ଜନ୍ମ। ପିତା ପ୍ରଥିତଯଶା ଗୋପୀନାଥ ବକ୍ସିପାତ୍ର ଓ ଭ୍ରାତା କୃଷ୍ଣଚନ୍ଦ୍ର ବକ୍ସିପାତ୍ର ଉଭୟେ ସ୍ୱନାମଧନ୍ୟ ଥିଲେ। ତେଣୁ ପିଲାବେଳୁ ଆଦର୍ଶ ଓ ସ୍ୱାଭିମାନ ତାଙ୍କୁ ଆଗେଇଯିବାକୁ ପ୍ରେରଣା ଦେଇଥିଲା। ପିତା ଓ ଭ୍ରାତାଙ୍କ ରାଜନୈତିକ ପୃଷ୍ଠଭୂମି ଭିତରେ ବଢ଼ି ସେ କିନ୍ତୁ ନୂଆ ଚିନ୍ତାଧାରା 'ସାମ୍ୟବାଦ'ର ପ୍ରବକ୍ତା ତଥା ପୃଷ୍ଠପୋଷକ ଥିଲେ। ଛାତ୍ର ଜୀବନରୁ ତାଙ୍କର ଏ ମୌଳିକ ଚିନ୍ତାଧାରର ବିକାଶ ଘଟିଥିଲା। ସଂଯୋଗ କ୍ରମେ ସେ ପୁରୀର ସମଚିନ୍ତକ, ସୁବିଖ୍ୟାତ ରାମଚନ୍ଦ୍ର ମିଶ୍ରଙ୍କର କନ୍ୟାଙ୍କର ପାଣିଗ୍ରହଣ କରି ତାଙ୍କର ସାମ୍ୟବାଦୀ ରାଜନୈତିକ ଜୀବନକୁ ଦୃଢ଼ୀଭୂତ କରିପାରିଥିଲେ। ଛାତ୍ର ଜୀବନରୁ ଗଢ଼ି ଉଠିଥିବା ତାଙ୍କ ବ୍ୟକ୍ତିତ୍ୱକୁ ଅନୁଧ୍ୟାନ କଲେ କେତେକ ମୌଳିକତ୍ୱର ଆଭାସ ମିଳେ। ଧୀର ତଥା ମିଷ୍ଟଭାଷୀ ହରିଶ୍ଚନ୍ଦ୍ର ସମସ୍ତ ସହପାଠୀମାନଙ୍କର ଅ'ରକୁ ଛୁଇଁ ପାରିଥିଲେ। ତାଙ୍କର ବିରଳ ବ୍ୟକ୍ତିତ୍ୱରେ ସେତେବେଳର ଆଙ୍ଗୁଠି ଗଣତି କେତୋଟି କଲେଜ ଭିତରୁ ସେ ସୁବିଖ୍ୟାତ ପାରଳଖେମୁଣ୍ଡିର କୃଷ୍ଣଚନ୍ଦ୍ର ଗଜପତି କଲେଜ, ରେଭେନ୍ସା କଲେଜ ଓ ମଧୁସୂଦନ ଆଇନ୍ କଲେଜର ଛାତ୍ର ସଂସଦର ସଭାପତି ହୋଇ ଉଭୟ ଦକ୍ଷିଣ ଓ ପୂର୍ବ ଓଡ଼ିଶାର ଛାତ୍ରମାନଙ୍କୁ ପ୍ରତିନିଧିତ୍ୱ କରିପାରିଥିଲେ। ତାଙ୍କରି ଏଭଳି ନେତୃତ୍ୱ ତଥା ଲୋକପ୍ରିୟତାର ରେକର୍ଡ଼ ଆଜିଯାଏଁ କେହି ବୋଧେ ଭାଙ୍ଗିପାରି ନାହାଁନ୍ତି। ଆଉ ଗୋଟିଏ ବିଶେଷ କଥା ହେଲା ତାଙ୍କର ଜୀବନଶୈଳୀ ଜଣେ ଜମିଦାର ଘରର ଦାୟାଦ ହେଲେ କି କେବେହେଲେ ତାଙ୍କ ଚାଲିଚଳଣିରେ କିଛି ଅହଙ୍କାର ନଥିଲା କି ଏହାର ପ୍ରଭାବ ଦୃଶ୍ୟମାନ ହୋଇନଥିଲା। ନିଜେ ସ୍ନାତକୋତ୍ତରର ଛାତ୍ର ଥିଲାବେଳେ ଟିଉସନ୍ କରି ସ୍ୱଅର୍ଜିତ ପଇସାରେ ପାଠ ପଢ଼ିଥିଲେ। ପିଲାବେଳୁ ସ୍ୱାଧୀନ ଚିନ୍ତାଧାରା ତାଙ୍କୁ ମହାନ୍ କରିଥିଲା। କାହାର ଦୁଃଖ ଦେଖିଲେ ଭାଙ୍ଗି ପଡୁଥିଲେ ଓ ସାହାଯ୍ୟର ହାତ ବଢ଼ାଇ ଦେଉଥିଲେ।

ଛାତ୍ରସଭାରେ ତାଙ୍କର ଓଜସ୍ୱିନୀ ତଥା ସାରଗର୍ଭକ ଭାଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା। ଧର୍ମାନୁରାଗ ଓ ପାରିବାରିକ ପରିସରରେ ହେଉଥିବା ପୂଜା ବିଧିବିଧାନରେ ସମ୍ମାନ ତଥା ଶୁଦ୍ଧ ଆଚରଣ ଓ ବୟସ୍କମାନଙ୍କ ପ୍ରତି ନମ୍ର ବ୍ୟବହାର ତାଙ୍କୁ ସର୍ବପ୍ରିୟ କରିପାରିଥିଲା। ମାତୃଭାଷା ପ୍ରତି ସମ୍ମାନ ଓ ବ୍ୟବହାରିକ ଉପଯୋଗର ପ୍ରାଧାନ୍ୟ ତାଙ୍କୁ ଚିର ସ୍ମରଣୀୟ କରୁଥିବ। ପ୍ରତ୍ୟେକ ସଭା ସମିତିରେ ଓଡ଼ିଆରେ ଭାଷଣ ଦେବା ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେବା ସଙ୍ଗେ ସଙ୍ଗେ ନିଜେ ମଧ୍ୟ ଓଡ଼ିଶାରେ କହୁଥିଲେ। ପଶ୍ଚିମ ଓଡ଼ିଶାର ଦାବିକୁ ନେଇ ଓଡ଼ିଶାର ବିଭାଜନ ପ୍ରସଙ୍ଗରେ ସେ କଠୋର ଭାବ ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ବିଚ୍ଛିନ୍ନାଞ୍ଚଳ ଓଡ଼ିଶାର ପୁନରୁଦ୍ଧାର ପାଇଁ ସତତ୍ ଉଦ୍ୟମରତ ଥିଲେ। ଉତ୍କଳ ସମ୍ମିଳନୀର ଅଧ୍ୟକ୍ଷ ଭାବରେ ଦୃଢ଼ ଭାବରେ ତାଙ୍କର ଏ ଦାବିକୁ ବାରମ୍ବାର ଦୋହରାଉଥିଲେ। ସୀମା ଆନ୍ଦୋଳନ ଭାଷା ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ପ୍ରଭୃତିରେ ଭୂମିକା ମଧ୍ୟ ଗ୍ରହଣ କରିଥିଲେ। ତାଙ୍କ ବିରାଟ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ସଦାଶିବ ତ୍ରିପାଠୀ ତାଙ୍କୁ ମଧ୍ୟ କୋରାପୁଟିଆ ବାବା ବୋଲି କହିବା ସଙ୍ଗେ ସଙ୍ଗେ ଅନ୍ୟମାନେ କୋରାପୁଟର ଶ୍ରମିକନେତା, ଆଦିବାସୀ ଆନ୍ଦୋଳନର ପୁରୋଧା ଭାବରେ ଅଭିହିତ କରିଥାଆଁନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱବେଳେ ସେ ମନ୍ତ୍ରୀ ଭାବରେ ୟୁନିଟ୍-୬ରେ କ୍ୱାର୍ଟରରେ ଥିଲାବେଳେ



ତାଙ୍କ ସାଙ୍ଗେ ମୋର କେତେଥର ସାକ୍ଷାତ୍ ସୁଯୋଗ ମିଳିଥିଲା ସେତେବେଳେ ମୁଁ ରାଧାକୃଷ୍ଣ ମନ୍ଦିରର ପରିଚାଳନା ସମିତିର ସମ୍ପାଦକ ଥାଏ, ମନ୍ଦିରର ପୁନରୁଦ୍ଧାର ପାଇଁ ତାଙ୍କ ସାହାଯ୍ୟ ଲୋଡ଼ିବାରେ ସେ ବିଭିନ୍ନ ବ୍ୟବସ୍ଥା ମଧ୍ୟ କରିଦେଇଥିଲେ। ଜଣେ କୁଳୀନ ବ୍ରାହ୍ମଣ ଭାବରେ ସମସ୍ତ ଧାର୍ମିକ ନିଷ୍ଠା ପାଳୁଥିଲେ। ପୁରୁଣା ପଇତା ବଦଳାଇ ନୂଆ ପିନ୍ଧିଲାବେଳେ ପଇତାରେ ଗଣ୍ଠି ପକାଇବା ପାଇଁ ତୁଷାର ହାତରେ ମୋ ପାଖକୁ ପଠଉଥିଲେ ଏବଂ ବିଭିନ୍ନ ଧାର୍ମିକ ଆଲୋଚନାଗୁଡ଼ିକରେ ମଧ୍ୟ ଭାଗ ନେଇଥିଲେ।

ପ୍ରତ୍ୟେକ ବିଷୟରେ ସେ ସ୍ୱାଧୀନ ଭାବରେ ପଦକ୍ଷେପ ନେଉଥିଲେ। ସାଲିସ୍ ବିହୀନ ରାଜନୀତି ଯୋଗୁଁ କେତେକଙ୍କ ପାଖରେ ପ୍ରିୟ ନେହେଲେ ବି ନିଜ ଚିନ୍ତାଧାରାରୁ ଓହରୁନଥିଲେ। ଜଣେ ମନ୍ତ୍ରୀ ଭାବରେ ରହି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ମତାମତ ଉପରେ ସ୍ୱାଧୀନ ମତ ଦେବା ତାଙ୍କର ବୈଶିଷ୍ଟ୍ୟ ଥିଲା। ସେ ସମଗ୍ର ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତିନିଧି ଭାବେ ପରିଚିତ ହୋଇ ଗୁରୁତ୍ୱ ଲାଭ କରିଥିଲେ। ପୁରୀ, କଟକ, ଗାମ ଓ କୋରାପୁଟ ଜିଲ୍ଲାମାନଙ୍କରେ ତାଙ୍କର ଲୋକପ୍ରିୟତା ରହିଥିଲା। କେତେଗୁଡ଼ିଏ ମୌଳିକ ପ୍ରସଙ୍ଗରେ ତାଙ୍କର ଅଭିମତ ଓ ଯୁକ୍ତି ଶୁଣି ଆମେମାନେ ଅଭିଭୂତ ହୋଇପଡୁଥିଲୁ।

ବାସ୍ତବରେ ସେ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ। ଓଡ଼ିଶାର ଗୋଡ଼ିମାଟି ତାଙ୍କୁ ସର୍ବଦା ମନେ ରଖିଥିବ। ବିଶେଷକରି ସ୍ୱାର୍ଥନ୍ୱେଷୀ କେତେକ ବ୍ୟକ୍ତିଙ୍କର ଓଡ଼ିଶା ବିଭାଜନ ଯୁକ୍ତି ଓ ଦାବି ଶୁଣିଲାବେଳେ ସମସ୍ତେ ତାଙ୍କୁ ମନେପକାଇବା ସଙ୍ଗେସଙ୍ଗେ ସେଭଳି ନେତୃତ୍ୱର ଆବଶ୍ୟକତା ଅନୁଭବ କରିବେ।

# ସମ୍ବେଦନ ପ୍ରସଙ୍ଗରେ

ସମସ୍ତେ ଏବେ ଗୋଟିଏ କଥା ଲକ୍ଷ କରୁଥିବେ ଆମଠାରେ ସମ୍ବେଦନତା କେମିତି ଶେଷ ହୋଇଗଲାଣି। ସମ୍ବେଦନଶୀଳ ତା ଭାରତୀୟଙ୍କ ଶ୍ରେଷ୍ଠ ପରିଚ୍ଚୟ ଥିଲା।ଏବେକିନ୍ତୁ ଆପେ ବଞ୍ଚିଲେ ବାପାଙ୍କ ନାଆଁ ଉକ୍ତିରେ ଏସବୁ ଆମଠାରୁ ଦୁରେଇ ଗଲାଣି।ମୋର ଜଣେ ବନ୍ଧୁ କଥା ପ୍ରସଙ୍ଗ ରେ ଗୋଟିଏ ଦୁଃଖ କଥା କହୁଥିଲେ।ଥରେ ସେ ରାତିରେ ଗୋଟିଏ ଭୋଜିରୁ ଫେରୁଥିଲେ, ସେ ସମୟରେ କିଛିସମୟ ପୂର୍ବରୁ ଗୋଟିଏ ଦୁର୍ଘଟଣା ହୋଇଯାଇଥିଲା।କିଛିଲୋକ ତଳେ ପଡ଼ିଥାନ୍ତି ଅନେକ ଲୋକ ସେମାନଙ୍କୁ ଘେରିଥାନ୍ତି।ସେକିନ୍ତୁ ସେ ସ୍ଥାନରେ ନରହି ଅଗତ୍ୟା ପଳାଇ ଆସିଲେ।କିନ୍ତୁ ଏପରି ଜାଗାରୁ ପଳାଇ ଆସିବାକୁ ତାଙ୍କର ସହଧର୍ମିଣୀ ବିରୋଧ କରିଥିଲେ।ଏମିତି ଆମେ ଛାଡି ପଳେଇବା ଉଚ୍ଚିତ ନୁହେଁ, ରାତି ଅଧିକ ହେଉଥିବାରୁ ବନ୍ଧୁ ପଳାଇ ଆସିଲେ।କିନ୍ତୁ ଘରେ ପହଞ୍ଚି ଖବର ପାଇଲେ ସେ ତାଙ୍କର ଗାଁଆର ପିଲା,ସ୍ଥାନୀୟ ଯୁବକ ମେଡ଼ିକାଲ ନେଇକରି ଯାଇଛନ୍ତି।ନିଜକୁ କ୍ଷମା କରିପାରିଲେନି ସେ ଭାବିଲେ ସହଧର୍ମିଣୀଙ୍କ ଅପେକ୍ଷା ତାଙ୍କର ସମ୍ବେଦନଶୀଳତା ମରିଗଲା,ସେ ସର୍ବଦା ପତ୍ନୀଙ୍କ ନିକଟରେ ଛୋଟ ହୋଇଗଲେ।

ଏମିତି ଅନେକ ଦୁର୍ଘଟଣା ସ୍ଥାନରେ ଆମେ ସମ୍ବେଦନଶୀଳ ନହୋଇ ଅନେକ କେବଳ ଫୋଟୋ ଉତ୍ତୋଳନ କରିବାରେ ବ୍ୟସ୍ତ ହୋଇଯାଇଥାନ୍ତି। ଏସବୁ ହେବାଦ୍ୱାରା ଅନେକ ଜୀବନ ବିନା ସାହାଯ୍ୟରେ ଚ୍ଚାଲିଯାଏ।ସମ୍ବେଦନଶୀଳତା ଆମ ଭାରତୀୟ ସଂସ୍କୃତି ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଚ୍ଚିନ୍ତନ।ଏହା ଆମର ପାରମ୍ପରିକ ଶୈଳୀ।ସେଥିପାଇଁ ଆମର ଭାରତୀୟ ମାନେ ଅତିଥୀଙ୍କ ପ୍ରତି ଦେଖାଉଥିବା ଶ୍ରଦ୍ଧା ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଥିଲା।ଏବେ ଏସବୁର ଅଭାବ ପରିଲକ୍ଷିତ ହେଲାଣି।ଆମଠାରେ ଏପରି ହେବାର ଅନେକ କାରଣ ଥାଇପାରେ କିନ୍ତୁ ଗୋଟେ ପ୍ରମୁଖ କାରଣ ଆମର ଶିକ୍ଷା।ଆମର ଶିକ୍ଷା ପଦ୍ଧତି ଅଧିକ ବିଜ୍ଞାନ ଓ ପ୍ରଯୁକ୍ତି ଆଧାରଯୁକ୍ତ ହୋଇଯିବାରୁ ଆମ ଭାବନା କେବଳ ପରୀକ୍ଷା ଅନୁସୃତ ହୋଇଗଲା।ଭାବନା ଆମ ମନ ମଧ୍ୟରୁ ଲୋପ ପାଇଗଲା।ସବୁକିଛି ସୁରୁଖୁରୁରେ ପାଇଯିବାରୁ ଆମେ କଷ୍ଟ ଓ ଏଥିପାଇଁ ଯେଉଁ ଭାବନା ରହିବା ଉଚ୍ଚିତ ତାହା କ୍ରମେ ଲୋପ ପାଇଗଲା।ମନ ଯେତେବେଳେ ଭ୍ରମିତ ସେତେବେଳେ ଆମେ ସମ୍ବେଦନଶୀଳତା ବ୍ୟତୀତ ଭୌତିକ ବାଦିତାକୁ ପସନ୍ଦ କରିଚ୍ଚାଲିଲେ।

ଏବେ ଅନେକ ସ୍ଥାନରେ ବୁଢ଼ା ବାପାମାଆଙ୍କ ପ୍ରତି ସାମାଜିକ ପ୍ରତିବଦ୍ଧତା ପରିବର୍ତ୍ତ ? ସେମାନଙ୍କଠାରୁ ଦୁରେଇ ରହିବାକୁ ଶିକ୍ଷିତ ମାନେ ଉପଯୁକ୍ତ ମନେ କରୁଛନ୍ତି।ଗାଁ ପୁରୁଣା ବିଦ୍ୟାଳୟ ଇତ୍ୟାଦି ଠାରୁ ଦୂରେଇ କେବଳ ନିଜର ପରିବାର ଚ୍ଚତୁଃପାର୍ଶ୍ୱରେ ଘୁରି ଘୁରି ସମୟକୁ ବିଲୟ କରିଚ୍ଚାଲିଛନ୍ତି।ନିଜକୁ ସହରୀ ସ୍ୱତନ୍ତ୍ର ମନେକରି ଆମେ ଆମର ସାରା ସମାଜପ୍ରତି କର୍ତ୍ତବ୍ୟକୁ ଦୁରେଇ ଯାଉଛନ୍ତି।କେବଳ ବଡ ହେବାର କୁଛ ପ୍ରତିଯୋଗିତା ଆମର ଚ୍ଚିନ୍ତନକୁ ଭ୍ରମରେ ପକାଇ ଦେଇଛି।ଆମଠାରେ ମରିଯାଇଛି ଆମର ଅତି ପ୍ରିୟ ଗୁଣ ସମ୍ବେଦନଶୀଳତା ଆମେ ଆମକୁ ପ୍ରତିପତି ରେ ଚ୍ଚିହ୍ନଉଛନ୍ତି ପରମ୍ପରାରେ ନୁହେଁ।ମଣିଷ ନିଜର ଅତି ନିକଟର ମଣିଷକୁ ଭୁଲିଯାଉଛି ଅନ୍ୟମାନଙ୍କ କଥା କିଏ ପଚ୍ଚାରେ।

ଗୋଟିଏ ଗାଆଁକୁ ଗଧିଆଟିଏ ପଶି ଆସିଲେ ବା ହାତୀଟିଏ ପସିଆସିଲେ ତାପ୍ରତି ଆମେ ମୃତ୍ୟୁ ହେବାପର୍ଯ୍ୟନ୍ତ ଅମାନୁଷିକ ଅତ୍ୟାଚ୍ଚାର କରିଯାଇଥାନ୍ତି।ଏସବୁ ଖବର ଆମେ ବିଭିନ୍ନ ସମ୍ବାଦପତ୍ର ସାମାଜିକ ଗଣ ମାଧ୍ୟମରେ ଜାଣିଥାନ୍ତି।ଏପରି ମୁକ ପଶୁମାନଙ୍କ ପ୍ରତି ଅତ୍ୟାଚ୍ଚାର ସମ୍ବେଦନଶୀଳ ତା ନଷ୍ଟ ହୋଇଯାଇଥିବାର ନମୁନା ନୁହେଁକି।ଭିଡ଼ ତନ୍ତ୍ର ପାଖରେ କିଛି ଲୋକଙ୍କର ବିବେକପୂର୍ଣ୍ଣ ତର୍କ ସମ୍ପୂର୍ଣ୍ଣ ନୀରବ ଓ କ୍ଷୀଣ ହୋଇଯାଉଛି।ବିନା ପରୀକ୍ଷା ନିରୀକ୍ଷାରେ ଶିକ୍ଷିତ ମାନେ ଏଣୁ ତେଣୁ ଭିଡିଓ କୁ ସାମାଜିକ ଗଣ ମାଧ୍ୟମରେ ଅନ୍ୟମାନଙ୍କ ନିକଟକୁ ଅନାୟାସରେ ପ୍ରେରଣ କରିଆମେ ପରୋକ୍ଷରେ କାହାର କିମ୍ବା ସମାଜର କ୍ଷତି କରୁଛନ୍ତି।ଏବେବି ଦେଖୁଛନ୍ତି ବିଲେଇ ସାପ ଆଦି ଦେଖିକରି ଯାତ୍ରା କଲେ ଯଦିକିଛି ଦୁର୍ଘଟଣା ଘଟେ କେତେକ ସ୍ଥାନରେ ସେ ନିରୀହ ବିଲେଇ ଉପରେ ଆମର ରାଗର ପ୍ରଭାବ ପଡ଼ିଯାଏ।କିଛି ଦିନ ତଳେ ଏକ ଦୃଶ୍ୟ ଆମକୁ ଦୁଃଖ ଦେଇଥିଲା ଯେ କିଛି ସାଧୁଙ୍କୁ ପିଲାଚୋର ଭାବି ପିଟିପିଟି ମୁମୂର୍ଷ କରିପକାଇଲେ, ସେ ସ୍ଥାନରେ ସମସ୍ତେ ମୁକ ଦର୍ଶକ ପାଲଟି ଥିଲେ।ସେହିପରି ବୁଲା ବିକାଳି ଫେରିବାଲା ପ୍ରଭୃତିଙ୍କ ପ୍ରତି ବେଳେବେଳେ ଅମାନୁଷିକ ବ୍ୟବହାର ଆମ ସମ୍ବେଦନତା ଉପରେ ପ୍ରଶ୍ନବାଚ୍ଚୀ ସୃଷ୍ଟିକରେ।ପେଚ୍ଚା କାଉ କୁକୁର ଆଦି ଆମ ମାନଙ୍କର ଅଶୁଭ ଶତ୍ରୁ ସେମାନେ ବଞ୍ଚିବାପାଇଁ ସଂଗ୍ରାମ କଲାବେଳେ ଆମେ ସେମାନଙ୍କୁ କ୍ରୁର ଦୃଷ୍ଟିରେ ଦେଖିଥାଉଁ।ବିଜ୍ଞାନ ବିଜ୍ଞାନ କହିଲାବେଳେ ଅନ୍ଧବିଶ୍ୱାସ ର ବଶବର୍ତ୍ତୀ ହୋଇ ଆମେ ଅନ୍ୟ ପଶୁପକ୍ଷୀଙ୍କ ପ୍ରତି ଅବିଚ୍ଚାର କରିଥାନ୍ତି।ସମ୍ବେଦନ ପ୍ରସଙ୍ଗରେ ଆମର ହିନ୍ଦୁଧର୍ମ ଅନ୍ୟ ସମସ୍ତ ଧର୍ମଠାରୁ ପାର୍ଥକ୍ୟ ହେଲାବେଳେ ଆମେ କିନ୍ତୁ ସେତେ ଗୁରୁତ୍ୱ ଦିଅନ୍ତିନାହିଁ।ଆମ ପାଖରେ ସମୟ ନଥାଇପାରେ କିନ୍ତୁ ଆମ ଚ୍ଚିନ୍ତାଧାରା ସକାରାତ୍ମକ ରହିଲେ ଆମେ ଆମ ପରିବେଶ କୁ ସମୃଦ୍ଧ ରଖିବାରେ ଉଦ୍ୟମ କରିପାରିବା।ସେହିପରି ଅନେକ ଗଛ ଆମଠାରୁ କ୍ରମେ କ୍ୱଚ୍ଚିତ ହୋଇଗଲେଣି ଆମ ସେମାନଙ୍କ ସୁରକ୍ଷା ବ୍ୟତୀତ କେବଳ ଆମର ଘର ନଗର ଆଦି ତିଆରିକରି ସେସବୁକୁ ପଛରେ ପକାଇ ଦେଉଛନ୍ତି।

ସବୁକଥା ଭାବିବାବେଳେ ଏବେ ସବୁଠାରୁ ଦୁଃଖ ଦେଖାଯାଉଛି ଯେତେବେଳେ ବୟସ୍କଙ୍କ ମାନଙ୍କୁ ଅବହେଳା କରାଯାଉଛି।ଘରେ ବୃଦ୍ଧ ବାପାମାଆଙ୍କ ପ୍ରତି ଅବହେଳା ସବୁଠାରୁ ସମ୍ବେଦନଶୀଳ ପ୍ରଶ୍ନ।ସମସ୍ତେ ସେମାନଙ୍କର ତର୍କକୁ ସଠିକଭାବିବାରଓ ଯୁକ୍ତିବାଢିବାରେ ବ୍ୟସ୍ତ କିନ୍ତୁ କେହି କାହାର ବିବଶତା କୁ ବୁଝିବାର ପରିସ୍ଥିତି ମଧ୍ୟରେ ନଥାନ୍ତି।ତେବେ ବୟସ୍କ ମାନଙ୍କ ପ୍ରତି ସମ୍ବେଦନ ହେବାପାଇଁ ଭାବନା ହିଁ ଆବଶ୍ୟକ।କିନ୍ତୁ ଭାବନା ଆମଶିକ୍ଷାରେ ଏବେ ବହୁତକମ ଦେଖାଯାଉଛି।

ଆମେ ବିଭିନ୍ନ ବହି ଫିଲ୍ମ ନାଟକ ଦେଖିବା ପରେ ମଧ୍ୟ ଏଦିଗରେ ସଜାଗ ଆବୋ ? ନୁହଁନ୍ତି କହିଲେ ଚ୍ଚଳେ।ଅଧିକରୁ ଅଧିକ ଦେଖାଯାଉଥିବା ଏହିପରି ଅନେକ ଜିନିଷ ପ୍ରତ୍ୟେକ ସମୟରେ ଆମ ଆଖିଆଗକୁ ଆସୁଛି।

ଆମେ ବୟସ୍କ ,ପଶୁପକ୍ଷୀ ମାନଙ୍କ ପ୍ରତି ସମ୍ବେଦନ ହେଲେ ଆମ ସମାଜରେ ଯେଉଁ ବଡରୋଗ ନିସଙ୍ଗତା ଦେଖାଯାଉଛି ତାହା ଆମ୍ଭଠାରୁ ଦୁରେଇ ଯାଉଛି।

ଏଠାରେ ପ୍ରଶ୍ନଉଠୁଛି ଆମଠାରେ ଏହି ସମ୍ବେଦନ ପ୍ରସଙ୍ଗଟି କେମିତି ଅବହେଳିତ ହେଉଛି।ତେଣୁ ଶିକ୍ଷା ସହ ଏହିଟିକୁ ରଖିବା ଆବଶ୍ୟକ ନିଶ୍ଚିତ ଅଛି।ଏହାଦ୍ୱାରା ଆମେ ପରବର୍ତ୍ତୀ ସମୟ ପାଇଁ ନିଜପାଇଁ ନିଜେ ଅବହେଳା କରୁଛନ୍ତି ବୋଲି ପରୋକ୍ଷରେ କହିହେବ।ରାବଣ ମାଆସୀତାଙ୍କୁ ଚୋରିକରି ନେଇଯାଉଥିବା ସମୟରେ ଜଟାୟୁ ଦୁର୍ବଳ ହେଲେମଧ୍ୟ ଜଣେ ନାରୀର କ୍ରନ୍ଦନକୁ ସହିନପାରି ରାବଣ ଉପରେ ଆକ୍ରମଣ କରିଦେଇଥିଲେ।କିନ୍ତୁ ରାବଣର ଖଡ୍ଗରେ ନିଜର ଡେଣାହରାଇ ମଧ୍ୟ ସେ ଅପେକ୍ଷା କରିଥିଲେ ଆଗନ୍ତୁକଙ୍କୁ ଯିଏ ସେହିପଥରେ ଖୋଜିବାକୁ ଆସିବେ ତାଙ୍କୁ ସେହି ସମ୍ବାଦ ଦେବେ।ଏହା ରାମାୟଣ ରେ ଥିବା ଦର୍ଶନ ସମ୍ବଳିତ ସମ୍ବେଦନ ପ୍ରସଙ୍ଗ।ଏହିପରି ଅନେକ ପୌରାଣିକ ତଥ୍ୟ ଆମ ସାମନାକୁ ଆସେ ।ପରବର୍ତ୍ତୀ ସମୟରେ ଆମ ଇତିହାସ କେତେକ ମୋଗଲ ରାଜାଙ୍କର କାହାଣୀ ଓ ଆମଦେଶର କେତେକ ରାଜା ନିଜର ଲାଳସା ପାଇଁ ଦେଶର ବହୁତ କ୍ଷତି କରି ଅନେକ ଭୁଭାଗକୁ ବିଦେଶୀଙ୍କ ହାତରେ ଟେକିଦେଇଥିଲେ।କିନ୍ତୁ ମୋମାଟି ମୋଦେଶର ଭୂଗୋଳ ସମ୍ବେଦନତାକୁ କେବଳ

ପ୍ରାଧାନ୍ୟ ଦେଇଥାଏ।ଏହାହିଁ ମୋର ସଂସ୍କାର ମୋର ସଂସ୍କୃତି ତେବେ କାହିଁକି ଆମେ ଏ ପ୍ରସଙ୍ଗକୁ ସମ୍ପୁର୍ଣ୍ଣ ଭୁଲିଯାଉଛନ୍ତି ବା ଏଡାଇ ଦେଇଛନ୍ତି।ଆସନ୍ତୁ ଆମେ ସମସ୍ତେ ପୁଣି ସ୍ନେହ ଶ୍ରଦ୍ଧା ସମ୍ବେଦନତା ନେଇ ନୂତନ ସୂର୍ଯ୍ୟ ଦେଖିବା ନିଶ୍ଚିତ ଏକ ଉନ୍ନତ ସକାଳ ପାଇପାରିବା।

*ଅରେଇ,ଯାଜପୁର,*
*ମୋ :୯୬୫୮୬୧୪୭୨୮*

# ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସ

ଓଡ଼ିଶାର ନବ ନିଯୁକ୍ତ ରାଜ୍ୟପାଳ ଭାବେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନପ୍ରିୟ ରାଜନେତା ଭାବେ ପରିଗଣିତ ରଘୁବର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ନୂଆ ନିଯୁକ୍ତିର ଦାୟିତ୍ୱ ନେବା ପୂର୍ବରୁ ଯେଉଁ ଉଲ୍ଲେଖନୀୟ ଧାଡିଟି ତାହା କୋଟି କୋଟି ଓଡ଼ିଆଙ୍କ ଭିତରେ ଗଭୀର ବିଶ୍ୱାସ ଓ ଖୁସିର ଲହର ସୃଷ୍ଟି କରିଥିଲା। ମହାମହିମ ରଘୁବର ଦାସ କହିଥିଲେ ଯେ 'ଓଡ଼ିଶାର ରାଜଭବନ କୋଟି କୋଟି ଅବହେଳିତ ଓ ଗରିବ ଓଡ଼ିଆଙ୍କ ପାଇଁ ସବୁବେଳେ ଖୋଲା ରହିବ'। ଏଥିରୁ ତାଙ୍କ ଓଡ଼ିଶାବାସୀଙ୍କ ପ୍ରତି ଭଲ ପାଇବା ଓ ସେବା ମନୋଭାବ ଉଲ୍ଲେଖନୀୟ। ଝାଡ଼ଖଣ୍ଡରେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ସାଧାରଣ ଲୋକଟିଏ ମଧ୍ୟ ତାଙ୍କୁ ସାକ୍ଷାତ କରି ତା ଅଭାବ ଅସୁବିଧା ଜଣାଇବାକୁ ସକ୍ଷମ ହୋଇପାରୁଥିଲା ଏବଂ ତାଙ୍କ ସମୟରେ ଝାଡ଼ଖଣ୍ଡର ସାମଗ୍ରୀକ ବିକାଶ ହେବା ସହ ସେ ବିଜେପିର ଜଣେ ଅନୁଭବୀ ଓ ଟାଣୁଆ ନେତା ଥିବାରୁ ଦଳ ସେଠାରେ ଶାସନକୁ ଆସିଥିଲା। ଝାଡ଼ଖଣ୍ଡରେ ଥିବା ପ୍ରବାସୀ ଓଡ଼ିଆ ମାନଙ୍କୁ ସେ ଅତ୍ୟନ୍ତ ଭଲପାଉଥିଲେ ଓ ତାଙ୍କ ସହ ସମ୍ପର୍କ ଅନାବିଳ ରହିଥିଲା ଯାହା ଏଯାବତ ବି ଅତୁଟ ରହିଛି। ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ଜନ୍ମ ୩ ମେ, ୧୯୫୫ରେ ଛତିଶଗଡ଼ରେ ହୋଇଥିଲା। ୧୯୭୭ରେ ସେ ଜନତା ପାର୍ଟିର ସଦସ୍ୟ ହୋଇଥିଲେ ଏବଂ ୧୯୮୦ରେ ସକ୍ରିୟ ରାଜନୀତିକୁ ଆସି ବିଜେପିରେ ସାମିଲ ହୋଇଥିଲେ। ୧୯୯୫ରେ ସେ ପ୍ରଥମ ଥର ପାଇଁ ଜାମସେଦପୁର ପୂର୍ବ ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ। ଏହାପରେ ପାଞ୍ଚଥର ଲଗାତାର ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ। ୨୦୦୯ରେ ସେ ଝାଡ଼ଖଣ୍ଡର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ରାଜ୍ୟର ଷଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହା ପୂର୍ବରୁ ସେ ଝାଡ଼ଖଣ୍ଡ ବିଜେପିର ଦୁଇ ଥର ରାଜ୍ୟ ସଭାପତି ନିଯୁକ୍ତ ହୋଇଥିଲେ। ସଂପ୍ରତି ବିଜେପିର ଜାତୀୟ ଉପସଭାପତି ପଦରେ ରହିଥିବା ରଘୁବର ଦାସ ଏବେ ରାଜ୍ୟପାଳ ଭାବେ ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି। ରଘୁବରଙ୍କ ଆଦ୍ୟ ଜୀବନ ଅଭାବ ଅନଟନ ଭିତରେ କଟିଥିଲା ଏବଂ ସେ ଜାମସେଦପୁର ଟାଟା ଷ୍ଟିଲ ରୋଲିଂ ମିଲରେ କାର୍ଯ୍ୟ କରିଥିଲେ। ତାଙ୍କର ପ୍ରାଥମିକ ଶିକ୍ଷା ଭାଲୁବାସା ହରିଜନ ବିଦ୍ୟାଳୟରେ ହୋଇଥିଲା ଏବଂ ଜାମସେଦପୁର ସମବାୟ କଲେଜରୁ ସେ ବିଏସସି ଏବଂ ଲ'ଡିଗ୍ରୀ ହାସଲ କରିଥିଲେ। ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପୂର୍ବରୁ ଏହି ଲେଖକ ଓ ଉତ୍କଳ ଆସୋସିଏସନର




ବାଦଲ ଭୂୟାଁ

କର୍ମକର୍ତ୍ତାମାନେ ତାଙ୍କୁ ସାକ୍ଷାତ କରିଥିଲେ। ସେଠାରେ ସେ ଉତ୍ସସିତ ସ୍ୱାଗତ ସମ୍ବର୍ଦ୍ଧନା ଗ୍ରହଣ କରି ଖୁସି ହେବାସହ ସମସ୍ତଙ୍କୁ ମନେ ପକାଇଥିଲେ। ବିଧିବଦ୍ଧ ଭାବେ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ସଭାପତି ଡାକ୍ତର ଶ୍ରୀଧର ପ୍ରଧାନ, ଉପସଭାପତି ପ୍ରଫେସର ସଞ୍ଜୟ ପାତ୍ର, ଉପସଭାପତି ତଥା ସିଂହଭୂମ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ବାଦଲ ଭୂୟାଁ, ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି, ସହ ସମ୍ପାଦକ ବିଭୂତି ଭୂଷଣ ମହାନ୍ତି ଓ କୋଷାଧ୍ୟକ୍ଷ ମନୀଷ ଦାଶ ପ୍ରମୁଖ ଅଭିନନ୍ଦନ ଜଣାଇଥିଲେ। ବିଭିନ୍ନ ସମୟରେ ଉତ୍କଳ ଆସୋସିଏସନକୁ ସାହାଯ୍ୟ କରିଥିବା କଥାକୁ ସଦସ୍ୟମାନେ ମନେ ପକାଇ ଆଲୋଚନା କରିଥିଲେ। ରଘୁବର ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ମାତ୍ର ୧ ଟଙ୍କା ମୂଲ୍ୟରେ ୨.୫୦ ଏକର ଜମି ଯୋଗାଇ ଦିଆଯାଇଥିବାରୁ ସଦସ୍ୟମାନେ ତାଙ୍କୁ ତାଙ୍କର ସାହାଯ୍ୟକୁ ଭୁରି ଭୁରି ପ୍ରଶଂସା କରିଥିଲେ। ସେ ଯେବେ ଓଡ଼ିଶା ରାଜ୍ୟପାଳ ଭାବରେ କାର୍ଯ୍ୟଭାର ଗ୍ରହଣ କରିବେ ଉତ୍କଳ ଆସୋସିଏସନର ସମସ୍ତ ପଦାଧିକାରୀ ମାନଙ୍କୁ ସେଠାକୁ ଆସିବାକୁ ନିମନ୍ତ୍ରଣ କରିଥିଲେ। ସୂଚନାଥାଉକି ଝାରଖଣ୍ଡର ପ୍ରବାସୀଙ୍କ ମୁଖପତ୍ର ଭାବେ ପରିଚିତ 'ସିଂହଭୂମ' ପତ୍ରିକା ତରଫରୁ ବାର୍ଷିକ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ଝାରଖଣ୍ଡ ଥିବାବେଳେ, ଟୁଇଲାଡୁଙ୍ଗୁରୀ ଠାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଡାକ୍ତର ଦିନେଶ ଷଡ଼ଙ୍ଗୀ ଯିଏ କି ସ୍ୱାସ୍ଥ୍ୟମନ୍ତ୍ରୀ ଅତିଥି, ବିଧୁଭୂଷଣ ଭୂୟାଁ, ପ୍ରାଧ୍ୟାପକ ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଖୁସିର କଥା ମହାମହିମ ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଉତ୍କଳ ଆସୋସିଏସନର କର୍ମକର୍ତ୍ତାମାନେ ତାଙ୍କୁ ଆଉଥରେ ସାକ୍ଷାତ କରିବାର ସୁଯୋଗ ପାଇଥିଲେ। ଅତ୍ୟନ୍ତ ଆନନ୍ଦ ପ୍ରକଟ କରି ଆସୋସିଏସନର କାର୍ଯ୍ୟକ୍ରମ ବିଶେଷକରି ସେବା କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିବା ସହ ପ୍ରବାସୀ ଓଡ଼ିଆଙ୍କ ଏହି ମିଳନ ମଞ୍ଚ ଆହୁରି ସେବା କାର୍ଯ୍ୟକ୍ରମ ସହ ନିଜକୁ ନିୟୋଜିତ କରୁ ବୋଲି ଆଶାବ୍ୟକ୍ତ କରିବା ସହ ତାଙ୍କ ଆଶୀର୍ବାଦ ଓ ସହଯୋଗ ସଦାସର୍ବଦା ତାଙ୍କ ସହିତ ରହିଛି ଓ ରହିଥିବ ବୋଲି ମତବ୍ୟକ୍ତ କରିଥିଲେ। ରଘୁବର ଦାସ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ନେବା ପରେ ସାଧାରଣ ମେହନତୀ ମଣିଷ ଠାରୁ ସମସ୍ତଙ୍କ ଭିତରେ ଏକ ଆଶା ଓ ସମ୍ଭାବନାର ଜୁଆର ସୃଷ୍ଟି ହୋଇଛି ନ୍ୟାୟ ପାଇଁ ଏବଂ ନିଜ ଅଭାବ ଅସୁବିଧା ବଖାଣିବା ପାଇଁ ଜଣେ ସାଧାରଣ ଲୋକଟି ଯଦି ଓଡ଼ିଶାର ପ୍ରଥମ ନାଗରିକଙ୍କ ପାଖରେ ଗୁହାରି ଜଣାଇ ପାରିବାକୁ ସକ୍ଷମ ହୋଇପାରୁଛି ଏହାଠାରୁ ବଡ଼ ଖୁସି ଆଉ କ'ଣ ଥାଇପାରେ ? କୋଟି କୋଟି ଓଡ଼ିଶାବାସୀଙ୍କ ବିଶ୍ୱାସ, ଆଶା ଭରସାର ପ୍ରତୀକ ପାଲଟିବେ ନିଶ୍ଚୟ ମହାମହିମ ରାଜ୍ୟପାଳ ରଘୁବର ଦାସ। ତାଙ୍କର ନୂତନ ଦାୟିତ୍ୱ ପାଇଁ ଅନେକ ଅନେକ ଅଭିନନ୍ଦନ ଓ ଜଣେ ଓଡ଼ିଆ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ କର୍ମମୟ ଜୀବନକୁ ଆହୁରି ଆଗେଇ ନେବା ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତୁ ଏହି କାମନା କରୁଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫*




# ମାନବସେବାରେ ଆକାଶବାଣୀ




ସଂବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧମ ବୋଲି କହୁ। ଏବେକୁ ଇଲେଟ୍ରୋନିକ୍ସ ମାଧମ ତତ୍‌କ୍ଷଣାତ୍ କାର୍ଯ୍ୟ କରୁଛି। ସଂପ୍ରତି ଏବେକୁ ଇଲୋଟ୍ରୋନିକ୍ ମାଧ ମଧ ତତ୍‌କ୍ଷାଣିକ କାର୍ଯ୍ୟ କରୁଛି। ସଂପ୍ରତି ଅନ୍ୟାନ୍ୟ ଗଣ ମାଧମ ଅପେକ୍ଷା ଦୃଶ୍ୟ-ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା' ତଳକୁ ଅଛନ୍ତି ପତ୍ର ପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମ ନିମନେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବଉମ।

ରେଡ଼ିଓ ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧରେ ଅନ୍ୟତମ। ଏହା ମଣିଷର ସ୍ୱରକୁ ଦୂରକୁ ବିନା ତାରରେ ଆକାଶର ମାଧମରେ ପଠାଇଥାଏ। ଏହା କୌଣସି ସ୍ଥାନରୁ ବାର୍ତ୍ତାକୁ ପୃଥିବୀର ଯେ କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ମିନିଟ୍ ସମୟ ନିଏ।

ରେଡ଼ିଓ ଉଦ୍‌ଭାବନକୁ ହେଉଛନ୍ତି ମାର୍କୋନିଡେସ୍ ତାଙ୍କର ଉଭାବନ ମାଧମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡ଼ାଜାହଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୁହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ୍ ମାଧମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧମ କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ।

ଦୂରଦର୍ଶନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା : ସଂବାଦ, ବିଉବିନୋଦନ ବ୍ୟବସ୍ଥାରେ ନାଟକ ସଚରୀତ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଦୂରଦର୍ଶନ ଛବିକୁ ବାଦଦେଲେ ବାକିସବୁ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଦୂରଦର୍ଶନରେ ଆମେ ପୂର୍ଣ୍ଣ ସ୍ୱାଦପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣସ୍ୱାଦ ଦିଏ ଆକାଶବାଣୀ।

ଆକଶବାଣୀ ହିଁ ଗରିବ ଲୋକର ସାଥୀ। ମାତ୍ର ଘରେ ବା ପାଖରେ ଟ୍ରାଞ୍ଜେଷ୍ଟର ସେଟଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏହା ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର, ରେଡ଼ିଓର ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କରଣ ଭିନ୍ନଭିନ୍ନ। ଭାରତରେ ଏହାକୁ ଅଲ-ଇଣ୍ଡିଆ -ରେଡ଼ିଓ ବା' ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ୍ ବ୍ରିଟେନ୍‌ରେ କୁହନ୍ତି ବି.ବି.ସି. ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ।

ଦୁଃଖ ଯେ ଦୂରଦର୍ଶନ ଆବିଷ୍କାର ଫଳରେ ଏବେ ରେଡ଼ିଓ ପ୍ରତି ଆନ୍ତରିକ ଆଗ୍ରହ ନାହିଁ। ବଜାରରେ ବିକ୍ରିପାଇଁ ଟିଭିର କାଟତି ଅଛି। ରେଡ଼ିଓ ଦୋକାନ ବନ୍ଦ। ତେବେ ସମୟ ଆସୁଛି, ଯେତେବେଳେ ଟି.ଭି.କୁ ଲୋକେ ପଚାରିବେ ନାହିଁ। ସେତେବେଳେ ରେଡ଼ିଓ ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ-ଶ୍ରାବ୍ୟ ପାଲଟି ଯାଇଥିବ।

ଏଣୁ ଏହା ସତ୍ୟ ବୋଲି ଅନୁମିତ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ବୋଲି ବିଚାର କରାଯାଇପାରିବ।

## ଗୁଳନଗରରେ ମା ଶାରଳାଙ୍କ ଷୋଡଶ ବାର୍ଷିକ ମହୋତ୍ସବ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ଗ୍ରାମରେ ଗୁରୁବାର ବୁଢା ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ମା' ଶାରଳାଙ୍କ ଷୋଡଷ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଝଙ୍କଡସ୍ଥିତ ଶାରଳା ମନ୍ଦିରରୁ ଗ୍ରାମବାସୀଙ୍କ ପକ୍ଷରୁ ଦେବାଶିଷ କୁବେର ଆଜ୍ଞାମାଳ ଆଣିଥିଲେ। ମାନସୀକଧାରୀମାନେ ଗୋବରୀ ନଦୀଘାଟରୁ ଘଟ ସ୍ଥାପନ ନିମନ୍ତେ କଳସରେ ପାଣି ଆଣିଥିଲେ। ରୀତିନୀତି ଅନୁଯାୟୀ ପୁଜାନୀତି ସମ୍ପର୍ଣ୍ଣ ହୋଇଥିଲା । ମହୋତ୍ସବ ଉପଲକ୍ଷେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଳନଗର ପଞ୍ଚାୟତବାସୀ ସହଯୋଗ କରିବା ସହ ମା' ଶାରଳାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଥିଲା ।

## ବିଜେଡ଼ି ଜିଲାପରିଷଦ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର




ଫୁଲନଖରା (ପିଏନ୍)-ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକ ୩୩ନମ୍ବର ଜୋନ ବିଜେଡ଼ି ଜିଲାପରିଷଦ ପ୍ରାର୍ଥୀ ପ୍ରଦୀପକୁମାର ଭୋଇ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଦଳୀୟ କର୍ମୀଙ୍କ ସହ ନଗରୀ ଓ ଉଷୁମା ପଞ୍ଚାୟତର ବିଭିନ୍ନ ଗାଁ ଓ ସାହି ପରିକ୍ରମା କରି ଲୋକମାନଙ୍କୁ ଭୋଟ ଭିକ୍ଷା କରିଥିଲେ। ଏଥିରେ ନରେନ୍ଦ୍ର ମଲିକ, ଶଶିଭୂଷଣ ଦାଶ, ଅଜୟ ବେହେରା, ବିପ୍ଲବ ଯାଦବ, ମଙ୍ଗଳାପ୍ରସାଦ ମହାଁ, ମନୋଜ ରଥ, ଦାଶରଥି ବେହେରା, ଅଜୟ ବେଉରା, ସାଧନା ସାହୁ, ଗୌରୀ ଦାସ ଓ ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ନଗରୀ ସରପଞ୍ଚ ପ୍ରାର୍ଥୀ ତ୍ରିଲୋଚନ ଦାସ ଓ ସମିତି ସଭ୍ୟ ପ୍ରାର୍ଥୀ ବ୍ରଜକିଶୋର ବେହେରା ସାମିଲ ଥିଲେ। ୮ଟି ପଞ୍ଚାୟତକୁ ନେଇ ଗଠିତ ଏହି ଜୋନରେ ମୋଟ ୧୨୦ଟି ୱାର୍ଡ଼ ଥିଲାବେଳେ ୩୩,୯୫୭ ଜଣ ଭୋଟର ଅଛନ୍ତି।

## ନୂତନ କ୍ଲିନିକ ଉଦ୍‌ଘାଟିତ

ଫୁଲନଖରା (ପିଏନ୍)-ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥ ନଖରାଠାରେ 'ମେଡ଼ିନେକ୍ସଟ ହେଲ୍‌ଥକେୟାର' ନାମରେ ଏକ ନୂତନ କ୍ଲିନିକ ଆରମ୍ଭ ହୋଇଛି। ଡାକ୍ତର ବିଘ୍ନେଶ୍ୱର ଶତପଥି, ଉଷା ଶତପଥି ଓ ଲିଜାଲୀନା ଶତପଥି ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାଶଙ୍କର ଷଡ଼ଙ୍ଗୀ, ଯଜ୍ଞେଶ୍ୱର ଶତପଥି, ଚତୁର୍ଭୁଜ ମଲିକ, ଅଜୟକୁମାର ସାହୁ, ପତିତପାବନ ନାଥ, ଅଶୋକନାରାୟଣ ହୋତା, ଡାକ୍ତର ଦେବୀପ୍ରସନ୍ନ ମହାଁ, ସରୋଜିନୀ ଷଡ଼ଙ୍ଗୀ, ବିଶ୍ୱରନ ଦାସ, ଅନିଲ ବିଷୋୟୀ, ସ୍ମୃତିରନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆପୋଲ ପାଥୋଲ୍ୟାବ ସମେତ ଦ' ଚିକିତ୍ସା, ସ୍ତ୍ରୀରୋଗ, ଶିଶୁ ରୋଗ, ହୃଦ ଚିକିତ୍ସା, ସ୍ନାୟୁ, ଭେଷଜ ଓ ଅସ୍ଥିଶଲ୍ୟ ଚିକିତ୍ସା ସୁବିଧା ଏଠାରେ ଉପଲବ୍ଧ ହେବ। ଏହି ଅବସରରେ ଗରୀବ ରୋଗୀଙ୍କୁ ରିହାତି ମୂଲ୍ୟରେ ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇଦିଆଯିବ ବୋଲି ଅନୁଷ୍ଠାନର ସ୍ୱତ୍ତ୍ୱାଧିକାରୀ ଜଣାଇଛନ୍ତି।

# ଭାରତର କୋକିଳ : ସରୋଜିନୀ ନାଇଡୁ



"ମହିଳାମାନେ ପୁରୁଷମାନଙ୍କର ଆଉ ହାତ ହରିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାର ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜି ପର୍ଯ୍ୟନ୍ତ ଦିଆଯାଇ ଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ରହନ୍ତୁ - ଏହା କଥା ଆମେ ଚାହୁଁ ଚାହୁଁ। ମହିଳାମାନେ ଅନେକ ଆଇନ କ୍ଷେତ୍ରରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଏବଂ ତଦ୍‌ଜନିତ ଅନେକ କଷ୍ଟ ଭୋଗ କରୁଛନ୍ତି। ଆଜି ଆମ୍ଭେମାନେ ଦେଶରନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ସହିତ 'ପୂର୍ଣ୍ଣ ସହଯୋଗକରି କାର୍ଯ୍ୟ କରିବାପାଇଁ ଲୋଡୁ। ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁ ନାହୁଁ।"

୧୯୩୫ ମାର୍ଚ୍ଚ ୨ତାରିଖରେ ନୂଆ ଦିଲ୍ଲୀରେ ଓଜସ୍ୱିନୀ ଭାଷଣ ଯାହାର ଥିଲା ସେ ହେଉଛନ୍ତି ସେରୋଜିନୀ ନାଇଡୁ, ଯିଏ ଜଣେ ବିଶ୍ୱ କବି ତଥା ରାଜନୀତିଜ୍ଞ ଓ ଦେଶର ପ୍ରଥମ ମହିଳା ରାଜ୍ୟପାଳ। ଏହି ସରଳ ନିଷ୍କପଟ ନେତ୍ରୀଙ୍କ ଜନ୍ମ ହୋଇଥିଲା, ୧୮୭୯ ମହିହା ଫେବୃୟାରୀ ୧୩ତାରିଖରେ, ହାଇଦରାବାଦ୍‌ରେ। ତାଙ୍କୁ ଭାରତର ନାଇଟିଙ୍ଗଲ ବା କୋକିଳ ଉପାଧିରେ ଭୂଷିତ କରାଯାଇଥିଲା। ସେ ମଧ ଭାରତର ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧକ୍ଷ ଥିଲେ। ସେ ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ଶି ଓ ବଙ୍ଗଳା ଭାଷାରେ ଦକ୍ଷତା ହାସଲ କରିଥିଲେ।

୧୯୧୫ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତିକରଣ ଉପରେ ସମଗ୍ର ଦେଶବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହାର ନେହେରୁଭ୍‌କ ସଂପର୍କରେ ଆସିବାପରେ, ଚମ୍ପାରନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୨୫ରେ କଂଗ୍ରେସର ଅଧକ୍ଷଭାବେ ନିର୍ବାଚିତ ହେଲେ। ୧୯୧୯ ଜୁଲାଇରେ ନାଇଡୁ ହୋମରୁଲ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୩୦ ଜାନୁୟାରୀ ୨୬ରେ ମହାତ୍ମାଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା। ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ ଏବଂ କର୍ତ୍ତବ୍ୟରେ ଥାଇ ୧୯୪୯ରେ ତାଙ୍କର ଦେହାନ୍ତ ହେଲା।

ସରୋଜିନୀ ନାଇଡୁ କେବଳ ଜଣେ ରାଜନୀତିଜ୍ଞ ନଥିଲେ; ସେ ଥିଲେ ଜରେ ବିଶ୍ୱକବି। ଇଂରାଜୀ କବିତାରେ ସେ ଥିଲେ ସିଦ୍ଧହସ୍ତା। ତାଙ୍କର ଇଂରାଜୀ କବିତା ଗ୍ରନ୍ଥ 'ଦି ଗୋଲଡେନ୍ ଥ୍ରେସ୍ ହୋଲଡ୍ (୧୯୦୫)' , 'ଦିନ ବାର୍ଡ଼ ଅଫ୍ ଟ୍ୟୁନ୍ (୧୯୧୨)' ଏବଂ 'ବ୍ରୋକୋନ ଉଇଙ୍ଗ' (୧୯୧୭) ଇତ୍ୟାଦି ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ। ଏହା ବ୍ୟତୀତ ଆଉକିଛି : 'ଇଣ୍ଡିୟାନ୍ ଡ୍ୟାନସରସ୍', 'ଦି ଇଣ୍ଡିଆନ୍ ଜିପ୍‌ସି', 'ଦି କୁଇନସ୍ ରାଇଭାଲ', 'ନାଇଟ୍ ଫଲ ଇନ୍ ଦି ସିଟ ଅଫ୍ ହାଇଦରାବାଦ୍', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' କବିତାଗୁଡ଼ିକ ବିଶେଷତ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଲେଖାଗୁଡ଼ିକ ଇଂରାଜୀ ଭାଷାରେ ହେଲେହେଁ, ମୁଖ୍ୟତଃ ଏଗୁଡ଼ିକର ବିଷୟବସ୍ତୁ ଏବଂ ବାସ୍ତବତା ତଥା କଳ୍ପନା ବିନ୍ୟାସରେ ଭାରତୀୟ। ତାଙ୍କର ସୃଷ୍ଟି ଅନନ୍ୟ। ସେ ଭାରତ ମାଟିର ଜଣେ ମହିୟସୀ ମହିଳା। ଏହାହିଁ ସ୍ୱୀକାର୍ଯ୍ୟ...।

## କନ୍ଧମାଳ ଜିଲ୍ଲା ଏବଂ କେ.ବି.କେ. ଜିଲ୍ଲାର ହୋମଗାର୍ଡ ମାନଙ୍କୁ ଛତିଶଗଡ଼ ଇଲେକ୍ସନ ଡିୟୁଟିରେ ମୃତୟନ

କନ୍ଧମାଳ,(ପି.ଏନ):କନ୍ଧମାଳ ଜିଲ୍ଲା ଏବଂ ଓଡ଼ିଶାର କେ.ବି.କେ. ଜିଲ୍ଲା ତଥା ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, କେନ୍ଦୁଝରର ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ହୋମଗାର୍ଡ ଭାଇ ମାନଙ୍କୁ ଛତିଶଗଡ଼ ବିଧାନସଭା ନିର୍ବାଚନ ନିମନ୍ତେ ଡିୟୁଟିରେ ମୃତୟନ କରାଯାଇଛି । କିନ୍ତୁ, ଦୁଃଖର ବିଷୟ ଛତିଶଗଡ଼ ରାଜ୍ୟ ସରକାର ହୋମଗାର୍ଡ କର୍ମଚାରୀଙ୍କୁ ଦୈନିକ ୯୮୫, ଟଙ୍କା ହିସାବରେ ମାସିକ ୨୯,୫୬୫ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ଛତିଶଗଡ଼ ସରକାରଙ୍କ ଠାରୁ ବିଭିନ୍ନ ସରକାରୀ ସୁବିଧା ପାଇ ନିଜ ନିଜର ପରିବାର ସଦସ୍ୟଙ୍କୁ ସମାଜର ଚଳନୀ ସହିତ ଖାପଖୁଆଇ ଚଳାଇ ଆସୁଥିବା ଦେଖିବାକୁ ମିଳୁଛି । ଏପରିକି ଅନ୍ୟ ରାଜ୍ୟ ମଧ ତଥା ପଞ୍ଜାବ, ମଧ୍ୟପ୍ରଦେଶ, ବିହାର, ମହାରାଷ୍ଟ୍ର ଭଳି ରାଜ୍ୟ ମାନଙ୍କରେ ହୋମଗାର୍ଡ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ମିଳୁଥିବା ସଂଘ କର୍ମକର୍ତା ଗଣମାଧମ ଆଗରେ ମତ ପ୍ରକାଶ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଓଡ଼ିଶାର ସମସ୍ତ ହୋମଗାର୍ଡ କର୍ମଚାରୀଙ୍କୁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ସମାନ କାମକୁ ସମାନ ଦରମା ହାରରେ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସରଳ ସମାଧାନ କରିବା ପାଇଁ ମାନବାଧିକାର ମିସନ ଚୈୟାରପରସନ ମହେନ୍ଦ୍ର ଶର୍ମା, ଜଷ୍ଟିସ କେ. ଜି. ବାଳକ୍ରିଷ୍ଣା, ମାନବାଧିକାର ମିସନ ରାଜ୍ୟ ସଭାପତି ଦିଲ୍ଲିପ କୁମାର ଧଳ, ମହିଳା ସଭାନେତ୍ରୀ ଆରତୀ ମଙ୍ଗରାଜ, ସୁପ୍ରିମକୋର୍ଟ ଆଇନଜୀବି ଶେଖର ଶ୍ରୀବାସ୍ତବଙ୍କ ଦୃଢ଼ ଇଚ୍ଛାଶକ୍ତି ବଳରେ ସୁପ୍ରିମକୋର୍ଟ ଜଷ୍ଟିସ ଏମ୍ ଆର୍ ଶାହାଙ୍କ ଖଣ୍ଡପୀଠରେ ତା,୧୭, ୩, ୨୦୨୩, ମସିହାରେ କେସ୍ ଡିଗ୍ରୀ ହାସଲ କରି ଜଜମେଂଟ ଅର୍ଡର ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଥିବା ସତ୍ୱେ ମଧ ରାଜ୍ୟ ସରକାରଙ୍କର ପାତର ଅନ୍ତର ନୀତି ଅବଲମ୍ବନ କରୁଥିବା ହେତୁ। ଓଡିଶାର ୧୬,୦୦୦, ଉର୍ଦ୍ଧ୍ୱ ହୋମଗାର୍ଡ କର୍ମଚାରୀ ପରିବାରଙ୍କ ମାନବାଧିକାର କ୍ଷୂର୍ଣ୍ଣ ହେଉଥିବା ଦେଖିବାକୁ ମିଳୁଛି। ଏଣୁ ଆଗାମୀ ଦିନରେ ଓଡିଶା ସରକାର ଅନ୍ୟ ରାଜ୍ୟ ସରକାରଙ୍କ ଭଳି ଓଡ଼ିଶାର ହୋମଗାର୍ଡ କର୍ମଚାରୀଙ୍କୁ ସୁପ୍ରିମକୋର୍ଟ ଜଜମେଂଟ ଅଡର ଉପରେ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ଅନ୍ୟ ରାଜ୍ୟ ଭଳି ସମସ୍ତ ସରକାରି ସୁବିଧା ଓଡ଼ିଶାର ସମସ୍ତ ହୋମଗାର୍ଡ କର୍ମଚାରୀଙ୍କ ଯୋଗାଇ ଦେବାର ବ୍ୟବସ୍ଥା କରାଗଲେ। ଓଡ଼ିଶାର ସମସ୍ତ ହୋମଗାର୍ଡ ସଦସ୍ୟଙ୍କ ପରିବାର ସମାଜର ଚଳନୀ ସହିତ ଖାପଖୁଆଇ ଚଳିପାରିବେ ବୋଲି କନ୍ଧମାଳ ହୋମଗାର୍ଡ ସଂଘ ପକ୍ଷରୁ କୁହାଯାଇଛି।

## ପାନୀୟଜଳ ସମସ୍ୟା ପାଇଁ ଦାବିପତ୍ର

ପୁରୀ,(ପି.ଏନ): କିଛିଦିନ ତଳେ ପୁରୀ ଆପ୍ ଟିମ୍ ବୀରପ୍ରତାପ୍ ପୁର ଗ୍ରାମ ପରିଦର୍ଶନ ସମୟରେ ସେଠାରେ ପାନୀୟ ଜଳ ସମସ୍ୟା ଦେଖିବାକୁ ପାଇଥିଲେ । ଅନୁସୂଚିତ ଜାତିର ପାଖାପାଖି ୪୦ ପରିବାର ସ୍ୱାଧୀନତାର ଏତେ ବର୍ଷ ପରେ ମଧ ପାନୀୟଜଳ ପାଇବାରୁ ବଂଚିତ ଅଛନ୍ତି । ଆଜି ଆମ୍ ଆଦ୍ମୀ ପାର୍ଟି (ଆପ୍) ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମ୍ୟ ଜଳ ଯୋଗାଣ ଅଫିସ୍ ଯାଇ ଅଧିକାରୀ ଅଭିମନ୍ୟୁ ବାରିକ୍ ଙ୍କ ସହ ଆଲୋଚନା କରି ତାଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଆଲୋଚନା ପରେ ଶ୍ରୀ ବାରିକ୍ ପ୍ରତିଶ୍ରୁତି ଦେଇଛନ୍ତି ଡିସେମ୍ବର ମାସ ପ୍ରଥମରୁ ତାଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ।ଦାବିପତ୍ର ଦେବା ସମୟରେ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଯୁବ ସମ୍ପାଦକ ଜନ୍ମେଜୟ ଜେନା, ସୁନିଲ ଜେନା ଏବଂ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାରରେ ଶିଶୁଦିବସ ପାଳିତ

ଜୟପୁର,(ପି.ଏନ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁରଠାରେ ଶିଶୁଦିବସ ମହା ଆଡମ୍ବରର ସହିତ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ଘୋଷ ପଥ ସଂଚଳନ ଜୟପୁର ସହର ପରିକ୍ରମା କରିଥିଲା । ଏଥିରେ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ଶିଶୁଙ୍କ ସହିତ ସମସ୍ତ ଗୁରୁଜୀ ଗୁରୁମା ଭାଗ ନେଇଥିଲେ । ପ୍ରଧାନାଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଥିଲା । ଏଥିରେ ପରିଚାଳନା ସମିତିର ସଦସ୍ୟ ମଧ୍ୟରେ ପଂକଜ କୁମାର ପାତ୍ର, ସଂପାଦକ ଏବଂ କିଶୋର ଚନ୍ଦ୍ର ପଣ୍ଡା, ସହ ସଂପାଦକ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଭାବେ ହେମନ୍ତ କୁମାର ଚାନ୍ଦ, ଜୟପୁର ସଂକୁଳ ପ୍ରମୁଖ, ଉପସ୍ଥିତ ରହି ଶିଶୁଦିବସର ମହତ୍ତ୍ୱ ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ । ଶିଶୁଙ୍କ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ପ୍ରବନ୍ଧ ଇତ୍ୟାଦି ଅନୁଷ୍ଠିତ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଥିଲା । ପ୍ରାରମ୍ଭ ରୁ ପଂଚମ ଶ୍ରେଣୀ ଶିଶୁଙ୍କ ଏକ ସହଭୋଜ କାର୍ଯ୍ୟକ୍ରମର ଆୟୋଜନ ଶିଶୁ ଦିବସ ଉପଲକ୍ଷେ ବିଦ୍ୟାଳୟ ଦ୍ୱାରା କରାଯାଇଥିଲା । ଏହି ଦିନ ବିଦ୍ୟାଳୟର ୫୦୦ ରୁ ଉର୍ଦ୍ଧ୍ୱ ଶିଶୁ ବିଦ୍ୟାଳୟରେ ଯୋଗ ଦେଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜୟପୁରରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଶିଶୁ ଦିବସ ପାଳିତ

ଜୟପୁର, (ପି.ଏନ): ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁରର ଅଧକ୍ଷ ତଥା ଜିଲ୍ଲା ବିଚାରପତି ଜଷ୍ଟିସ ସତ୍ୟ ନାରାୟଣ ମିଶ୍ରଙ୍କ ପ୍ରେରଣା ଓ ସଚିବ ଶ୍ରୀ ସୁମନ ଜେନାଙ୍କ ତତ୍ୱାବଧାନରେ ମଙ୍ଗଳବାର ନଭେମ୍ବର ୧୪ ତାରିଖରେ "ଶିଶୁ ଦିବସ " ଅବସରରେ ସ୍କୁଲ ଓ ଆଇନ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ପ୍ରଶ୍ନୋତ୍ତର (କୁଇଜ) ପ୍ରତିଯୋଗିତା ଓ ବିଚାରାଳୟ ପରିଭ୍ରମଣ କାର୍ଯ୍ୟକ୍ରମ ସହିତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ ଅରବିନ୍ଦ ଇଣ୍ଟେଗ୍ରାଲ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀଙ୍କୁ ନେଇ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଭା ଗୃହ ଠାରେ ଏକ ପ୍ରଶ୍ନୋତ୍ତର (କୁଇଜ) ପ୍ରତିଯୋଗିତାର ଅୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ତଥା ଜିଲ୍ଲା ଆଇନ ସେବାର କାର୍ଯ୍ୟ ନିର୍ବାହୀ ଅଧକ୍ଷ ଶ୍ରୀ ରାଜେଶ ଏକ୍କା, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ତଥା ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ଶ୍ରୀ ସୁମନ ଜେନା, ରେଜିଷ୍ଟ୍ରାର ଶ୍ରୀ ବିଷ୍ଣୁ ପ୍ରସାଦ ଦେବତା, ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ମାନଙ୍କ ସକାଶେ ଉଦିଷ୍ଟ ବିଭିନ୍ନ ଆଇନ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଶିଶୁ ସମ୍ପର୍କିତ ନିୟମ ତଥା ଶିଶୁ ଏବଂ ଜନମଙ୍ଗଳ କାରୀ ବିଭିନ୍ନ ଯୋଜନା ଯଥା ବାର୍ଦ୍ଧକ୍ୟଭତ୍ତା ,ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ସରକାରଙ୍କ ବିଭିନ୍ନ ଯୋଜନା ସହ କିପରି ଶିଶୁ ଶ୍ରମିକ ପରି ସମାଜର ଏକ କୁତ୍ସିତ ପ୍ରଥା ପ୍ରତି ସଚେତନ ରହିବେ ଏବଂ ଅନ୍ୟମାନଙ୍କୁ କିପରି ସଚେତନ କରାଇବେ ତତ ସଙ୍ଗେସଙ୍ଗେ ଆଇନସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଯେପରି ମାଗଣା ଆଇନସେବା ,ମଧ୍ୟସ୍ଥତା ଓ ଆପୋଷ ମିଳାମିଶା ମାଧମରେ ମାମଲାର ସମାଧାନ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରଯାଇଥିଲା । କୁଇଜ ପ୍ରତିଯୋଗୀତାରେ ଶ୍ରୀ ଜନ୍ମେଞ୍ଜୟ ସେଣ୍ଠା, କୁମାରୀ ଆଲୋକ ରତ୍ନପୁର୍ଣ୍ଣ ସିଂହ ଏବଂ ଶ୍ରୀ ଦ୍ୱିତୀମାନ ମହାନ୍ତି ଯଥା କ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ ପରେ ସ୍ଥାନୀୟ ଜୟପୁର ଆଇନ ମହାବିଦ୍ୟାଳୟର ଏବଂ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ସଚିବ ଶ୍ରୀ ଜେନା ଓ ରେଜିଷ୍ଟାର ଶ୍ରୀ ଦେବତା ଏବଂ ଆଇନ ମହାବିଦ୍ୟାଳୟର ଅଧାପକ ଡକ୍ଟର ଚକ୍ରଧର ପାଣିଙ୍କ ସମେତ ଜିଲ୍ଲା ବିଚାରଳୟର ବିଭିନ୍ନ ବିଚାରାଳୟ ଓ ଅନ୍ୟାନ୍ୟ ବିଭାଗ ମାନ ପରିଭ୍ରମଣ କରି ବିଚାର ବିଭାଗର କାର୍ଯ୍ୟ ପ୍ରଣାଳୀ ଓ ଅନ୍ୟାନ୍ୟ ବିଷୟରେ ବୁଝିଥିଲେ। ପରିଶେଷରେ କୁଇଜ ପ୍ରତିଯୋଗିତାରେ କୃତ କାର୍ଯ୍ୟ ଛାତ୍ର ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଶ୍ରୀ ରାଜେଶ ଏକ୍କା, ସଚିବ ଶ୍ରୀ ସୁମନ ଜେନା ଓ ରେଜିଷ୍ଟାର ଶ୍ରୀ ବିଷ୍ଣୁ ପ୍ରସାଦ ଦେବତା ପୁରସ୍କାର ପ୍ରଦାନ କରିଥିଲେ।

# ଭାରତର ସର୍ବକନିଷ୍ଠ ସହୀଦ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ, (ପି.ଏନ), ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ସହୀଦ ବାଜି ରାଉତଙ୍କ ପ୍ରତି ଜାତୀୟ ରାଜଧାନୀ ନୂଆଦିଲ୍ଲୀ ଠାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଶ୍ରୀ ନୀଳାଚଳ ସେବାସଂଘର ସହଯୋଗ ରେ ମାସିକ ଇଂରାଜୀ ପତ୍ରିକା ଉତ୍କଳ ଭାରତୀ ତରଫରୁ ଆୟୋଜିତ ଏକ ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଥିବାର ଦେଖାଯାଇଥିଲା। ବାର ବର୍ଷର ବାଳୁତ ବାଜି ରାଉତଙ୍କୁ ଫିରଙ୍ଗୀ ଗୁଳି ଦ୍ୱାରା ମର୍ମନ୍ତୁଦ ହତ୍ୟାର ଲୋମହର୍ଷଣକାରୀ ଉପାଖ୍ୟାନ କୁ ସ୍ମରଣ କରି ବରେଣ୍ୟ ବକ୍ତା ମାନେ ତାଙ୍କର ଶ୍ରେଷ୍ଠ ତ୍ୟାଗ, ଦୁର୍ଦ୍ଧର୍ଷ ବୀରତ୍ୱ ଏବଂ ଅନନ୍ୟ ଦେଶପ୍ରେମ ର ଗୁଣ ଗାନ କରିଥିଲେ। ଆଜିର ଯୁବସମାଜ ସ୍ୱର୍ଗତଃ ବାଜି ଙ୍କର ଆଦର୍ଶ ଜୀବନ ଦର୍ଶନ ରୁ ପ୍ରେରଣା ଲାଭ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସଭାରେ ଅଧକ୍ଷତା କରି ମୁଖ୍ୟ ଆୟୋଜକ ଏବଂ କାର୍ଯ୍ୟକ୍ରମ ର ଆବାହକ ଉତ୍କଳ ଭାରତୀ ର ସମ୍ପାଦକ ଡଃ ନିର୍ମଳ ପଟ୍ଟନାୟକ, ଜାତୀୟ ସ୍ତରରେ ବାଜି ରାଉତ ଙ୍କର ଏକ ଭବ୍ୟ ସ୍ମୃତିପୀଠ ନିର୍ମାଣ କରାଯିବା ଉଦ୍ଦେଶ୍ୟରେ ସମୁଚିତ ପଦକ୍ଷେପ ଗ୍ରହଣ କରିବାକୁ ସଚେତନ ନାଗରିକ ମାନଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସମାଜ ସେବା ସକାଶେ ନୂଆଦିଲ୍ଲୀ ର ପୂର୍ବତନ ମୁଖ୍ୟ ଅଗ୍ନିଶମ ଅଧୀକାରୀ ଡଃ ଧରମ ପାଲ ଭରଦ୍ୱାଜ ଏବଂ ଦିଲ୍ଲୀ ପୁଲିସର ଏ. ସି. ପି ଦୀନେଶ କୁମାର ଙ୍କୁ ୨୦୨୩ ମସିହା ପାଇଁ ବୀର ବାଜି ରାଉତ ସମ୍ମାନ ପ୍ରଦାନ କରାଯାଇଥିଲା। ଉଭୟ ଡଃ ଭରଦ୍ୱାଜ ଓ ଶ୍ରୀ କୁମାର ସମ୍ମାନ ସ୍ୱୀକାର କରି ସେମାନଙ୍କର ପେଷାଗତ ଉତ୍ତର ଦାୟିତ୍ୱ କୁ ନିର୍ବାହ କରିବା କାଳରେ ନିଜର ଜୀବନକୁ ବାଜି ଲଗାଇ ଥିବାର ଭୟଙ୍କର ଅନୁଭୂତି ଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଦେଶ ଗଠନ ଓ ସମାଜ ର କଲ୍ୟାଣ ପାଇଁ ଉପସ୍ଥିତ ଜନସାଧାରଣ ଯତ୍ କିଞ୍ଚିତ ସମ୍ଭବ ରାଶି ପ୍ରତ୍ୟହ ଦାନ କରିବାକୁ ସେମାନେ ନିବେଦନ କରିଥିଲେ। ବାଜି ରାଉତ ଙ୍କୁ ଜାତୀୟ ଗୌରବ ଆଖ୍ୟା ଦେଇ ଏନ.ସି.ଇ.ଆର.ଟି ର ସଂଯୁକ୍ତ ନିର୍ଦ୍ଦେଶକ ପ୍ରଫେସର ଅମରେନ୍ଦ୍ର ପ୍ରସାଦ ବେହେରା, ବର୍ତ୍ତମାନ ପିଢ଼ୀ ତାଙ୍କର ଦୃଢ଼ ଦେଶାତ୍ମବୋଧ ଆଭିମୁଖ୍ୟ ଏବଂ ମାତୃଭୂମି ପ୍ରତି ପ୍ରଗାଢ଼ ମମତା ଦ୍ୱାରା ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଦିଲ୍ଲୀ କମ୍ପ୍ୟୁଟର ବେପାରୀ ସଂଘର ସଭାପତି ମହିନ୍ଦର ଅଗ୍ରୱାଲ, ସମାଜ ର ମଙ୍ଗଳ ପାଇଁ ସକରାତ୍ମକ ଯୋଗଦାନ ପ୍ରଦାନ କରାଯିବା, ବାଜି ରାଉତ ଙ୍କ ପ୍ରତି ସଚ୍ଚା ଶ୍ରଦ୍ଧାଞ୍ଜଳି ହେବ ବୋଲି ଦର୍ଶାଇଥିଲେ। କଳିଙ୍ଗ ଶିକ୍ଷା ସମାଜର କୋଷାଧକ୍ଷ ଗଦାଧର ପ୍ରଧାନ ରାଜଧାନୀ ଦିଲ୍ଲୀ ର କୌଣସି ଏକ ରାସ୍ତା କିମ୍ବା ଅଟ୍ଟାଳିକା କୁ ବାଜି ରାଉତଙ୍କର ନାମରେ ନାମିତ କରିବାକୁ ପ୍ରସ୍ତାବ ଆଗତ କରିଥିଲେ।ସ୍ୱର୍ଗତଃ ବାଜି ରାଉତ ଙ୍କ ଦ୍ୱାରା ଅନୁସୃତ ନୀତି ର ଆଜିବି ପ୍ରାସଙ୍ଗିକତା ରହିଥିବା ଏସିଆ ପ୍ରାସିଫିକ ୟୁନିଭର୍ସ ର ମିସେସ କୁଇନ୍ ଉପାଧୀ ବିଜେତା ସୁରଂଜିତା ରଣା, ଲକ୍ଷ୍ନୌ ସ୍ଥିତ



ଆଇ.ଆଇ.ଏମ ର ପ୍ରଫେସର ସତ୍ୟଭୂଷଣ ଦାଶ ଏବଂ ବିଜୟନୀ ପ୍ରତିଷ୍ଠାନର ପ୍ରତିଷ୍ଠାତ୍ରୀ ରୀତା ପାତ୍ର, ସେମାନଙ୍କର ବକ୍ତବ୍ୟ ରେ ପ୍ରକାଶ କରିଥିଲେ। ବୈଠକରେ ଅର୍ଚ୍ଚନା ପରିଡ଼ା ଓ ଡଃ ଡ଼ିମ୍ପଲ ଗୋଏଲ କବିତା ଆବୃତ୍ତି କରି ବାଜିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରସିଦ୍ଧ ପରିବେଶବିତ୍ ପ୍ରବୋଧ ଚନ୍ଦେଲଙ୍କ ଦ୍ୱାରା ପ୍ରତିଷ୍ଠିତ ବୃକ୍ଷ ପଂଚାୟତ ର ସ୍ମରଣିକା କୁ ଅତିଥୀମାନେ ଉନ୍ମୋଚନ କରିଥିଲେ। ଉତ୍କଳ ଭାରତୀ ର କଳା ସମ୍ପାଦିକା ଅଞ୍ଜନା ପଟ୍ଟନାୟକ ସମଗ୍ର କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ସଞ୍ଚାଳନା କରିଥିଲେ। ସାତ ବର୍ଷ ର ଛାତ୍ରୀ ମିମାଂଶା ପଟ୍ଟନାୟକ ଙ୍କର ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଦ୍ୱାରା ଅଧିବେଶନ ର ଶୁଭାରମ୍ଭ ହୋଇଥିଲା।

ସମଗ୍ର ଆୟୋଜନ କୁ ସଫଳତା ସହିତ ପରିଚାଳନା କରିବାରେ ଡଃ ନିର୍ମଳ ପଟ୍ଟନାୟକ ଙ୍କୁ ଉତ୍ତମ କୁମାର ଦେଓ ଏବଂ ମଧୁସ୍ମିତା ପଟ୍ଟନାୟକ ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ବିନାୟକ ଦାସ, ଦେବରାଜ ମହାନ୍ତି, ସଂଜୀବ ମହାନ୍ତି, ସଞ୍ଜୟ ଅଗ୍ରୱାଲ, ଡଃ ବିଷ୍ଣୁ ଶତପଥି, ଡଃ ପ୍ରଦ୍ୟୁମ୍ନ ସେଠି, ଡଃ ନମିତା ମିଶ୍ର, ଡଃ ନମିତା ସ୍ୱାଇଁ, ଡଃ କ୍ରୀଷ୍ଣା ଦତ୍ତ, ଡଃ ସର୍ବେଶ୍ୱର ପ୍ରଧାନ, ଡଃ ଗତିକୃଷ୍ଣ ମହନ୍ତ, ଡଃ ପ୍ରିୟମ୍ବଦା ପତ୍ରୀ , ଡଃ ସ୍ୱାଗତ ରାଉତ, ଡଃ ବସନ୍ତ ଦାସ, ଡଃ ସରୋଜିନୀ ଏକ୍କା, ଡଃ ନରେଶ ମଲ୍ଲିକ, ଡଃ ଆନ୍ନି ରାୟ, ଡଃ ଗିରିଧାରୀ ପାଲ,ଡଃ ଦୀପକ ଲାଲ କୁଜୁର ଓ ଡଃ ପୁନମ ଚନ୍ଦ୍ରା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

# ଘରବାଡି ବାଡ ବୁଜାକୁ ନେଇ ଆକ୍ରମଣ ମାମଲା, ପୋଲିସର ନିଷ୍କ୍ରିୟତାକୁ ନେଇ ଏସପିଙ୍କୁ ଭେଟିଲେ ପିଡିତା

କୋରେଇ, (ପି.ଏନ): ଯାଜପୁର ଜିଲ୍ଲା ଦଶରଥପୁର ପୁଲିସର ନିଷ୍କ୍ରିୟତାକୁ ନେଇ ଆଜି ପିଡିତା ମହିଳା ପାଣିକୋଇଳିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ନ୍ୟାୟ ପାଇଁ ଆରକ୍ଷି ଅଧିକ୍ଷକଙ୍କୁ ଗୁହାରୀ କରିଛନ୍ତି । ପ୍ରକାଶଯେ ଦଶରଥପୁର ଥାନା ଅନ୍ତର୍ଗତ ପଂଚୁପୁର ଗ୍ରାମର ନିରାକାର ଜେନାଙ୍କ ସ୍ତ୍ରୀ ଅରୁଣା ଜେନାଙ୍କ ଅଭିଯୋଗ ମୁତାବକ ଗତ ନଭେମ୍ବର ୧ ତାରିଖ ଘରବାଡି ବୁଜିବା ପାଇଁ ସେ ମୁଲିଆ କରି ବାଡବୁଜା କାର୍ଯ୍ୟ କରୁଥିଲେ । ଏହାକୁ ତାଙ୍କ ପଡୋଶୀ କିଶୋର ଜେନା ଓ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ଜେନା ଅନ୍ୟ ସହଯୋଗୀଙ୍କ ସହ ବାଡବୁଜା ବନ୍ଦ କରିଥିଲେ । ଅରୁଣା ଏହାର ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ସ୍ୱାମୀ ନିରାକାରଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ । ଏହା କେବଳ ଅରମ୍ଭ ପରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଫଳରେ ସେମାନେ ଆହତ ହୋଇ ଚିକିତ୍ସିତ ହେବା ସହ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ହେଲେ ପୁଲିସ ଟାଳଟୁଳ ନିତୀ ଅବଲମ୍ବନ କରି ମାମଲା ରୁଜୁ କରୁନି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏନେଇ ଆରକ୍ଷି ଅଧିକ୍ଷକ ଭିନିତ ଅଗ୍ରୱାଲଙ୍କୁ ଜଣାଇବା ପରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ପାଇ ଦଶରଥପୁର ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଭୁବନ ରେ 'ଆମ ପ୍ରତିଭା ଆମ ସମ୍ମାନ' କାର୍ଯ୍ୟକ୍ରମ

ଭୁବନ, (ପି.ଏନ):ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଦ'ଆମ ପ୍ରତିଭା ଆମ ସମ୍ମାନଦ' ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଶିଶୁ ଦିବସ ଭୁବନ ବିଷ୍ଣୁପ୍ରିୟା ଗାଲାକ୍ସି ଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ପରାମର୍ଶ କ୍ରମେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହୁରୁଙ୍କ ଜନ୍ମଦିନ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଛି । ଅନୁଷ୍ଠାନର ଉପ ସଭାପତି କୋଦଣ୍ଡଧର ସାହୁଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଆମ ପ୍ରତିଭା ଆମ ସମ୍ମାନ ର ମୁଖ୍ୟ ଉଦ୍ଦେଶ୍ୟ ହେଲା ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ଆଗକୁ ବଢ଼ିବାକୁ ପ୍ରୋତ୍ସାହିତ କରିବା । ଲୋକପ୍ରିୟ ସାଂସଦ ମହେଶ ସାହୁ ଙ୍କ ନିଆରା କାର୍ଯ୍ୟକୁ ମୁଖ୍ୟ ଅତିଥି ସିପ୍ରା ବରାଳ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଡିଓ ଡ କଲ୍ୟାଣ ସୌରଭ ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ପଂଚାୟତ ସମିତି ଅଧକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ତହସିଲଦାର ସିରିୟଲ ଶୁଭ୍ର ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜଲକ୍ଷ୍ମୀ ଟୁଡୁ, ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ଏନ୍ ଏ ସି ନିର୍ବାହୀ ଅଧିକାରୀ ଅପୂର୍ବ ରଞ୍ଜନ ଆଇଚ ,ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ବରିଷ୍ଠ ଆଇନଜିବୀ ତଥା ସାମ୍ବାଦିକ ସନାତନ ଗୁରୁ ଯୋଗଦେଇ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ଅନୁଷ୍ଠାନ ସମ୍ପାଦକ ଧର୍ମାନନ୍ଦ ବରାଳ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ କାର୍ତିକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଉପ ସଭାପତି କୋଦଣ୍ଡଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାଯ୍ୟକ୍ରମ ରେ ଶିକ୍ଷକ ଉତ୍କଳମଣି ବେହେରା, ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ,ଦେବାନନ୍ଦ ସାହୁ, ଜୟଗୁରୁ ପାତ୍ର, ଅନାମ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ। ଅଂଚଳ ର ବହୁ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହିଥିଲେ।

# ବାଇକ ଚୋର ଅଦାଲତ ଚାଲାଣ, ବାଇକ ଜବତ

କୋରେଇ, (ପି.ଏନ): ପାଣିକୋଇଲି ପୁଲିସ ଏକ ଚୋରା ବାଇକକୁ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ୩ ଚୋରଙ୍କୁ ଧରି ମାମଲା ରୁଜୁ କରି ଆଜି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ନିମପାଟଣା ଗ୍ରାମରେ ଯାତ୍ରା ହେଉଥିବା ବେଳେ ଯାଜପୁର ସଦର ଥାନା ଅନ୍ତର୍ଗତ ଅମରସିଂପୁର ଗ୍ରାମର ଭବାନୀ ଶଙ୍କର ପଣ୍ଡା ତାଙ୍କ ହିରୋହୁଣ୍ଡା ସ୍ପେଣ୍ଡର ପ୍ଲସ ( ଓଆର୦୪ଏନ୫ ୨୫୨ )ବାଇକଟି ନିମପାଟଣା ଗ୍ରାମର ଅଶୋକ ସାହୁଙ୍କ ଘର ଆଗରେ ରଖି ଯାତ୍ରା ଦେଖୁଥିଲେ । ଯାତ୍ରା ଦେଖି ଫେରିବା ବେଳକୁ ତାଙ୍କ ବାଇକଟି ସେଠାରେ ନଥିଲା । ହେଲେ କିଛି ବ୍ୟକ୍ତି ଯାଜପୁର ସଦର ଥାନା ଅନ୍ତର୍ଗତ ଆମ୍ଭୋର ଗ୍ରାମର ବାଦଲ ଜେନା ଗାଡି ଉପରେ ବସି ମୋଡା ମୋଡି କରୁଥିବା ସୂଚନା ଦେଇଥିଲେ । ସୂଚନା ପାଇ ଭବାନୀଶଙ୍କର ଆମ୍ଭୋର ଯାଇ ଗୋଲେକ ଜେନାଙ୍କ ପୁଅ ବାଦଲ ଜେନାକୁ ଖୋଜିଥିଲେ ବି ତାକୁ ପାଇନଥିଲେ । ବାଦଲ ପେଶାରେ ଜଣେ ବାଇକ ମିସ୍ତ୍ରୀ ଅଟେ । ଫଳରେ ବାଧ୍ୟହୋଇ ଭବାନୀଶଙ୍କର ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଏନେଇ ପାଣିକୋଇଲି ପୁଲିସ ଏକ ମାମଲା ୩୩୭/ ୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନ, ମନମୋହନ ବାରିକ, ବ୍ରଜ କିଶୋର ସ୍ୱାଇଁ ପ୍ରମୁଖ ଚଢାଉ କରି ବାଦଲ (୨୩)କୁ ଧରିବାରେ ସକ୍ଷମ ହୋଇଥିଲେ । ପରେ ତାର ସହଯୋଗୀ ଦୁଇଜଣ ସଦର ଥାନା ଅନ୍ତର୍ଗତ ସାନତ୍ରିଲୋଚନପୁର ଗ୍ରାମର ରବିନ୍ଦ୍ର ପରିଡାଙ୍କ ପୁଅ କାଠିଆ ଓରଫ ମନୋଜ ପରିଡା( ୨୪) ଓ ସେହି ଗ୍ରାମର ପ୍ରଦୀପ ପରିଡାଙ୍କ ପୁଅ ପର୍ଶୁରାମ ପରିଡା (୨୨)କୁ ଧରିବା ସହ ଚୋରି ବାଇକଟିକୁ ଜବତ କରାଯାଇଥିଲା । ଆଜି ଦଫା ୩୭୯ରେ ବାଦଲ, ମନୋଜ, ପର୍ଶୁରାମଙ୍କୁ ଅଦାଲତ ଚାଲାଣ କରାଯାଇଛି ।

# ନିଖୋଜ ଥିବା ଟ୍ରକ ଫେରି ପାଇବାକୁ ଏସପିଙ୍କ ଦ୍ୱାରସ୍ଥ

କୋରେଇ, (ପି.ଏନ):- କଳିଙ୍ଗନଗର ସ୍ଥିତ ନିଳାଂଚଳ ଇସ୍ପାତ କାରଖାନା ମଧ୍ୟରୁ ନିଖୋଜ ଟ୍ରକ୍ଟୁ ଫେରିପାଇବାକୁ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ଆରକ୍ଷି ଅଧିକ୍ଷକଙ୍କୁ ଗୁହାରୀ କରିଛନ୍ତି ଗାଡି ମାଲିକ ଓ ପରିବାର । ପ୍ରକାଶଯେ ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ଫୁଲଗଡିଆ ଗ୍ରାମର ହରିହର ମହାପତ୍ରଙ୍କ ପୁଅ ଅଲେଖ ମହାପାତ୍ରଙ୍କ ଅଭିଯୋଗ ମୁତାବକ ଗତ ୨୦୨୩ ଅଗଷ୍ଟ ୧୨ ତାରିଖ ତାଙ୍କ ୧୪ ଚକିଆ ଟ୍ରକ ( ଓଡି୨୩ଇ ୦୦୭୧) ଓଆରସି ମିନେରାଲ ରେସ୍ପୋନସ ଟ୍ରାନ୍ସପୋର୍ଟ ଜରିଆରେ ପିଗ ଆଇରନ ଲୋଡ କରିବା ପାଇଁ କଳିଙ୍ଗନଗର ନିଳାଂଚଳ ଇସ୍ପାତ ନିଗମକୁ ଯାଇଥିଲା । ହେଲେ ସେଠାରେ ଡ୍ରାଇଭର ଜଗନ୍ନାଥ ନାୟକଙ୍କୁ ଧମକ ଦେଇ ଗାଡି ଅଟକାଇବା ସହ ତାଙ୍କୁ ବାରହର କରିଦେଇଥିଲେ । ତହିପରଦିନ ଏନେଇ ଅଲେଖ କଳିଙ୍ଗନଗର ଥାନାକୁ ଯାଇଥିଲେ ମଧ୍ୟ ତାଙ୍କ ଅଭିଯୋଗ କେହି ଗ୍ରହଣ କରିନଥିଲେ । ଏନେଇ ସେ ଆରକ୍ଷି ଅଧିକ୍ଷକଙ୍କୁ ଭେଟିଥିଲେ । ମାତ୍ର କିଛି ସୁଫଳ ନପାଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କଳିଙ୍ଗନଗର ଥାନା ଗତ ଅକ୍ଟୋବର ୨୭ ତାରିଖ ଏକ ମାମଲା ୨୦୫/ ୨୩ ରୁଜୁ କରିଥିଲେ ହେଁ ଟ୍ରକ ଉଦ୍ଧାର ନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଆଜି ଅଲେଖ ସପରିବାରେ ଆରକ୍ଷି ଅଧିକ୍ଷକଙ୍କୁ ଭେଟି ଟ୍ରକଟି ପାଇବା ପାଇଁ ଗୁହାରୀ କରିଛନ୍ତି । ଦୁଇ ଦିନ ପରେ ଉକ୍ତ ଟ୍ରକଟିକୁ ଉଦ୍ଧାର କରାଯିବ ବୋଲି ଆରକ୍ଷି ଅଧିକ୍ଷକ ଭିନିତ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ପର୍ଯ୍ୟବେକ୍ଷକ 25

PARYABEKHYAK   ପର୍ଯ୍ୟବେକ୍ଷକ

Bhubaneswar Friday November 17, 2023 ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଏସୟୁଜେ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




କୁକୁଡ଼ାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର),(ପି.ଏନ):ରାଜ୍ୟ ସାମ୍ବାଦିକ ସଙ୍ଘ ଏସ୍.ୟୁ.ଜେ ର ଗଞ୍ଜାମ ଜିଲ୍ଲା ଶାଖା ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ବ୍ରହ୍ମପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଜିଲ୍ଲା ଶାଖା ସଂଘ ସଭାପତି ବିଶ୍ୱନାଥ ମାରଣା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବରିଷ୍ଠ ସାମ୍ବାଦିକ ତୃଷାର କୁମାର ସିଂ,ଏସ୍.ୟୁ.ଜେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁରଜିତ ପଣ୍ଡା,ଜିଲ୍ଲା ଶାଖା ସମ୍ପାଦକ ଦିଗାମ୍ବର ମହାରଣା, ଆଲୋକ କୁମାର ସାହୁ,ରାଧାଶ୍ୟାମ ଆଚ଼ାର୍ଯ୍ୟ,ଇତିଶ୍ରୀ ସମାପିକା ମହାନ୍ତି ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ । ଗଣମାଧମର ଭୂମିକା ଏବଂ ଗଣମାଧମର ସୁରକ୍ଷା ନେଇ ଉପସ୍ଥିତ ଗଣମାଧମ ପ୍ରତିନିଧିମାନେ ନିଜ ମତବ୍ୟକ୍ତ କରିଥିଲେ ।ଏଥିରେ ସରକାର ସାମ୍ବାଦିକ ମାନଙ୍କ ନିମନ୍ତେ ସାମ୍ବାଦିକ ସୁରକ୍ଷା ଆଇନ,ପେନସନ ଲାଗୁକରିବା ଭଳି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ ।ଏହି ଅବସରରେ ସାମ୍ବାଦିକ ରାଧାଶ୍ୟାମ ଆଚ଼ାର୍ଯ୍ୟ କହିଥିଲେ ଯେ, ସାମ୍ବାଦିକ ମାନେ ଖବର ପ୍ରସାରଣ ଦିଗରେ ଅଧିକ ତତ୍ପର ହେବା ସହିତ ସମାଜର ମଙ୍ଗଳ ଓ ଜନସାଧାରଣଙ୍କ ସ୍ୱରକୁ ଅଧିକା ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ ।ଏହି ଅବସରରେ ଆଲୋକ ସାହୁ,ଇତିଶ୍ରୀ ସୋମାପିକା ମହାନ୍ତି ଯୋଗଦେଇ କାର୍ଯ୍ୟରତ ସାମ୍ବାଦିକ ମଧ୍ୟରେ ଏକତା ରହିବା ଆବଶ୍ୟକ ବୋଲି କହିଥିଲେ ।ବରିଷ୍ଠ ସାମ୍ବାଦିକ ସୁରଜିତ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ ଯେ,ସାମ୍ବାଦିକ ଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ଖବର ପ୍ରସାରଣ କରିବା ଉପରେ କହିଥିଲେ । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଦିଗାମ୍ବର ମୋହରଣା ସଂଯୋଜନା କରିଥିବା ବେଳେ ପରିଶେଷରେ କୋଷାଧକ୍ଷ ନୀଳାଞ୍ଚଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସାମ୍ବାଦିକ ସିଏଚ୍ ମନୋଜ କୁମାର ପାତ୍ର,ଆଲୋକ ବେହେରା,କପିଳ କୁମାର ପାଢ଼ୀ,ସୀମାଞ୍ଚଳ ସାହୁ, ଇ.ରଞ୍ଜନ, ହିମାଂଶୁ ଶେଖର ପାଢ଼ୀ, ବିଭୁନନ୍ଦନ ପଣ୍ଡା, ଇ.ପୂର୍ଣ୍ଣଚ଼ନ୍ଦ୍ର,ଅଭିଜିତ କର, ନରସିଂହ ଡାକୁଆ,ସୁଭେନ୍ଦୁ ଦାସ, ରୂପକ ମହାନ୍ତି,ଏମ୍.ପ୍ରଶାନ୍ତ ପାତ୍ର,ସୀମାଞ୍ଚଳ ପାଣିଗ୍ରାହୀଙ୍କ ସମେତ ବହୁ ସାମ୍ବାଦିକ ଭାଇ ଓ ଭଉଣୀ ମାନେ ଉପସ୍ଥିତ ରହି ନିଜର ମତବ୍ୟକ୍ତ ପ୍ରକାଶ କରିଥିଲେ ।

## ଏକ ସଶକ୍ତ ଓ କ୍ରିୟାଶୀଳ ଗଣତନ୍ତ୍ର ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମ ଏକାନ୍ତ ଆବଶ୍ୟକ : ରାଜ୍ୟପାଳ




ଭୁବନେଶ୍ୱର, (ପି.ଏନ): ଗଣମାଧ୍ୟମର ଏକ ସମୃଦ୍ଧ ଐତିହ୍ୟ ଓ ପରଂପରା ରହିଛି । ଗଣମାଧ୍ୟମ ସବୁବେଳେ ଅଗ୍ରଣୀ ଭୂମିକା ନେବା ସହ ସମୟ ଓ ସମାଜକୁ ଉଚିତ୍ ମାର୍ଗଦର୍ଶନ କରାଇବା ସହ ସକାରାତ୍ମକ ସହଯୋଗ କରିଆସିଛି । ଗଣମାଧ୍ୟମ ସାଧାରଣ ଲୋକମାନଙ୍କ ସ୍ୱପ୍ନ, ଅଭିଳାଷ, ଆକାଂକ୍ଷା ଓ ସ୍ୱରର ଧାରକ ଓ ବାହକ ହୋଇପାରିଛି ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି ।ଆଜି ଜୟଦେବ ଭବନରେ ଜାତୀୟ ସାଂବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଏକ ସଶକ୍ତ ଓ କ୍ରିୟାଶୀଳ ଗଣତନ୍ତ୍ର ପାଇଁ ମୁକ୍ତ ଓ ଦାୟିତ୍ୱବାନ ଗଣମାଧ୍ୟମ ଏକାନ୍ତ ଜରୁରୀ । ଏହା ଶାସନ ବ୍ୟବସ୍ଥା ଓ ଲୋକମାନଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରେ । ଏହା ଯେତେ ସହଜ, ସୁଗମ ଓ ସକ୍ରିୟ ହେବ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ ବୋଲି ରାଜ୍ୟପାଳ ଶ୍ରୀ ଦାସ ପ୍ରକାଶ କରିଛନ୍ତି ।ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ର ଶେଖର ଶର୍ମା ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ । ଜାତୀୟ ସାଂବାଦିକ କଲ୍ୟାଣ ବୋର୍ଡର ଅଧକ୍ଷ ପ୍ରଦୋଷ ପଟ୍ଟନାୟକ, ସାଧାରଣ ସଂପାଦକ ସନତ୍ ମିଶ୍ର ଜାତୀୟ ପ୍ରେସ୍ ଦିବସର ଆଭିମୁଖ୍ୟ ଓ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାଂବାଦିକ ନିରଂଜନ ରଥଙ୍କୁ ଉତ୍କଳ ସାଂବାଦିକ ରତ୍ନ ସମ୍ମାନ ଓ କେତେକ ରାଜ୍ୟ ବାହାର ସାମ୍ବାଦିକଙ୍କୁ ରାଷ୍ଟ୍ରୀୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ଦିବଂଗତ ସାଂବାଦିକ ରବି ନାରାୟଣ ମହାନ୍ତି, ଗୋପାଳ ମିଶ୍ର, ବରେନ୍ଦ୍ରକୃଷ୍ଣ ଧଳ, ଦିଲ୍ଲୀପ ଶତପଥି, ରାମହରି ମିଶ୍ର, ପ୍ରଦ୍ୟୁମ୍ନ ବଳ ଓ ଅରିଂଦମ୍ ଦାଶଙ୍କ ସ୍ମୃତିରେ ସାଂବାଦିକତା ଓ ଗଣଯୋଗାଯୋଗ ଶିକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସିଲ୍ ପ୍ରଦାନ କରାଯାଇଥିଲା । ବର୍ଷିଆନ ସାଂବାଦିକମାନଙ୍କୁ ପେନ୍‌ସନ ମଧ୍ୟ ପ୍ରଦାନ କରାଯାଇଥିଲା । ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିଶୁ ଦିବସରେ ତ୍ରୟମାସିକ ଶିଶୁକିଶୋର ପତ୍ରିକା ପରଜାପତି ଉନ୍ମୋଚନ

ଜୟପୁର, (ପି.ଏନ): ଆଜି ଶିଶୁ ଦିବସରେ ତ୍ରୟମାସିକ ଶିଶୁକିଶୋର ପତ୍ରିକା ପରଜାପତି ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାର ଶୁଭ ଉନ୍ମୋଚନ ମର୍ତ୍ତଣ୍ଡ ଇଂରାଜୀ ବିଦ୍ୟାଳୟଠାରେ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଯାଇଛି । ପତ୍ରିକାଟି ବିଦ୍ୟାଳୟର ନିର୍ଦ୍ଦେଶିକା ଶିଶୁପ୍ରାଣା ସୁସାହିତ୍ୟିକା ଶ୍ରୀମତୀ କୁମୁଦମାଳା ମହାନ୍ତିଙ୍କର କରକମଳରେ ପାଠକାର୍ପିତ ହୋଇଥିଲା । ଏହି ପୁସ୍ତକ ଉନ୍ମୋଚନ ପର୍ବରେ ନିଜର ଉପସ୍ଥିତି ସହ ସହଯୋଗ କରିଥିଲେ ବରିଷ୍ଠ ସାହିତ୍ୟିକ ଶ୍ରୀନାଥ ମିଶ୍ର, ସାହିତ୍ୟିକ ଡ.ସୁରେଶ ଦାସ, ନିର୍ବାଣ ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀ ଚନ୍ଦ୍ରକାନ୍ତ ବିଶ୍ୱାଳ, ସମ୍ବାଦ ସାହିତ୍ୟ ଘର ସଭାପତି ଗାଳ୍ପିକ ଶ୍ରୀ ଉଦୟ ଶଙ୍କର ଜାନୀ, ଉପସଭାପତି ସାହିତ୍ୟିକ ଯଜ୍ଞେଶ୍ୱର ପଣ୍ଡା ଓ ସମ୍ପାଦକ କବି ଶ୍ରୀ ଅଶୋକ ମହାରଣା, ସାହିତ୍ୟିକ ଡ. କମଳା କୃଷ୍ଣ ତ୍ରିପାଠୀ , ସାହିତ୍ୟିକ ଶ୍ରୀ ଅଶୋକ ପଲେଇ ଓ ସନ୍ତୋଷ ମହାନ୍ତି । ପତ୍ରିକାର ସମ୍ପାଦିକା ଯୁବକବୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପାଣିଗ୍ରାହି ପତ୍ରିକା ପ୍ରକାଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବ୍ୟକ୍ତ କରିବା ବେଳେ ଶ୍ରୀମତୀ ମହାନ୍ତି ସମ୍ପାଦିକାଙ୍କର ପ୍ରୟାସକୁ ସାବାସୀ ଦେବା ସହିତ ପତ୍ରିକାର ଉତ୍ତରୋତ୍ତର କାମନା କରିଥିଲେ ।

## ରାଜଭବନରେ ଝାଡ଼ଖଣ୍ଡ ଦିବସ ପାଳିତ : ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା :ରାଜ୍ୟପାଳ

ଭୁବନେଶ୍ୱର,(ପି.ଏନ) ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା । ଏହା ଆମର ଶକ୍ତି, ସଂପଦ ଓ ସୌନ୍ଦର୍ଯ୍ୟ । ଏହାକୁ ବଜାୟ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତବ୍ୟ ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି । ଆଜି ରାଜଭବନରେ ଝାଡ଼ଖଣ୍ଡ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଲେ ଯେ, ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ସ୍ୱପ୍ନ ସାକାର ହେବାକୁ ଯାଉଛି । ଭାରତୀୟ ଭାବ ଓ ଭାବନାରେ ସମସ୍ତେ ବାନ୍ଧି ହୋଇଛନ୍ତି । ପ୍ରତ୍ୟେକ ଭାରତୀୟ ନିଜର ପରିଚୟ ପାଇଁ ଗର୍ବିତ । ଝାଡ଼ଖଣ୍ଡ ଓ ଓଡ଼ିଶା ମଧ୍ୟରେ ଆବେଗିକ ସଂପର୍କ ରହିଛି । କଳା ଓ ସଂସ୍କୃତି ମାଧ୍ୟମରେ ଭାରତର ସଂହତି ଓ ଶକ୍ତି ପ୍ରକାଶିତ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି । ଏହି ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଏଭଳି ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଝାଡ଼ଖଣ୍ଡର ଡ଼.ଗୌତମ କୁମାର ମହାତୋ, ଶୁଭାଙ୍ଗୀ ଗୋସ୍ୱାମୀ ଓ ଆଂଚଲ ଅଗ୍ରୱାଲ ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ, ଅନୁଭୂତି ଓ ଉପଲବ୍ଧି ସମ୍ପର୍କରେ କହିଥିଲେ । ଏହି ଉତ୍ସବରେ ଝାଡ଼ଖଣ୍ଡ ରାଜ୍ୟପାଳଙ୍କ ଭିଡିଓ ବା☐ା ପ୍ରଦର୍ଶିତ ହୋଇଥିଲା । ଉତ୍ସବରେ ରାଜଭବନର ଅଧିକାରୀ ଓ କର୍ମଚାରୀଙ୍କ ସହିତ ଓଡ଼ିଶା ନିବାସୀ ଝାଡ଼ଖଣ୍ଡର ବହୁ ବ୍ୟକ୍ତି ଯୋଗଦେଇଥିଲେ । ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ ସଂଗ୍ରାମ ଦେଓଭ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସନ୍ଦେହ ଘେରରେ ପୁରୀ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଭୂମିକା

ପୁରୀ,(ପି.ଏନ): ପୁରୀ ସଦର ବ୍ଲକ ଲେଭୁଲ-୩ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ପଦୋନ୍ନତି ପାଇଁ ଚଳିତ ବର୍ଷ ଜୁଲାଇ ୧୪ତାରିଖରେ ସରକାରୀ ନିୟମ ଅନୁଯାୟୀ କାଉନସେଲିଂ କରାଯାଇଥିଲା । ଏହି କାଉନସେଲିଂରେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ପ୍ରାୟ ୫୩ଜଣ ଶିକ୍ଷକ/ ଶିକ୍ଷୟତ୍ରୀ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ଶିବ ନାରାୟଣ ଭଞ୍ଜ ମାର୍କଣ୍ଡେଶ୍ୱର ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ବେଳେ,ପ୍ରଭାତି ମିଶ୍ର କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ । ଉପରୋକ୍ତ ଶିକ୍ଷକ,ଶିକ୍ଷୟତ୍ରୀ ୨ଜଣ ସ୍ୱାମୀ,ସ୍ତ୍ରୀ ବୋଲି ସୂଚନା ମିଳିଛି । ଅନ୍ୟ ପକ୍ଷରେ ସବିତା ମହାପାତ୍ର ବାଲିପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବଂ ମଳୟ କୁମାର ଦାଶ ବାଟଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ/ ଶିକ୍ଷୟତ୍ରୀଭାବେ ଯୋଗଦାନ କରିଥିଲେ । ଏଠାରେ ସୂଚନାଯୋଗ୍ୟ,ଶିକ୍ଷକ ମଳୟ କୁମାର ଦାଶଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ତଥା +୨ ପରେ ସିଟି ହୋଇଥିବା ବେଳେ,ସବିତା ମହାପାତ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ବିଏ ପରେ ସିଟି ବୋଲି ସୂଚନା ମିଳିଛି । ମାତ୍ର ଦୁଃଖ ଏବଂ ପରିତାପର ବିଷୟ ହେଉଛି ,କାଉନସେଲିଂ ଦ୍ୱାରା ପଦୋନ୍ନତି ପାଇ ନିଯୁକ୍ତି ପାଇଥିବା ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗଦାନ କରିବାର ୩ମାସ ନ ପୁରୁଣୁ କିଭଳିଭାବେ ରିକ୍ୟୁସନ ବଦଳି ହେଲେ,ଯାହା ଉଚ୍ଚାଧିକାରୀଙ୍କ ଦ୍ୱାରା ତଦନ୍ତ ସାପେକ୍ଷ । ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ କାହା ସ୍ୱାର୍ଥରେ ସରକାରୀ ବଦଳି ଆଇନକୁ ବେଖାତିର କରି ଏଭଳି ବେଆଇନ କାର୍ଯ୍ୟ କରିଛନ୍ତି । ଯାହା ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି । ମାଟ୍ରିକ ତଥା +୨ ପରେ ସିଟି ଯୋଗ୍ୟତା ଅନୁଯାୟୀ ଶିକ୍ଷକ ମଳୟ କୁମାର ଦାଶ ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଥିବା ବେଳେ,ବିଏ ପରେ ସିଟି ଯୋଗ୍ୟତା ଅନୁଯାୟୀ ସବିତା ମହାପାତ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଛନ୍ତି । ଏଠାରେ ସୂଚନାଯୋଗ୍ୟ,ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ମାଟ୍ରିକ ତଥା +୨ ପରେ ସିଟି ଯୋଗ୍ୟତା ସମ୍ପର୍ଣ୍ଣ ଶିକ୍ଷକଙ୍କ ସ୍ଥାନରେ ବିଏ ପରେ ସିଟି ଯୋଗ୍ୟତା ସମ୍ପର୍ଣ୍ଣ ଲେଭୁଲ-୩ ଶିକ୍ଷକ ରହି ପାରିବେ ନାହିଁ । କିନ୍ତୁ ପୁରୀ ସଦର ବ୍ଲକ ଶିକ୍ଷାଧିକାରୀ ସରକାରୀ ନିୟମ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଥାଇ ସରକାରୀ ନିୟମକୁ ଫୁ... କରି ଅତ୍ୟନ୍ତ ତରବରିଆଭାବେ ରିକ୍ୟୁସନ ବଦଳି ପାଇଁ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ବୋଲି ଆଲୋଚନା ହେଉଛି । ଏହି ରିକ୍ୟୁସନ ବଦଳି ପ୍ରକ୍ରିୟାରେ ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବା ବେଳେ,ଦୁର୍ନୀତିର ଗନ୍ଧ ବାରି ହେଉଛି । ଏହି ବେଆଇନ ରିକ୍ୟୁସନ ବଦଳିକୁ ତୁରନ୍ତ ବାତିଲ କରିବା ସହ ସନ୍ଦେହଜନକ ଭୂମିକା ରହିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଉଛି ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ତଥା ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀ ଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୂର,(ପି.ଏନ):ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୋନପୁର ତରଫରୁ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀ ଓ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ର ବିଭିନ୍ନ ଶିଶୁ ସମ୍ବଧୀୟ ଆଇନ୍ ଉପରେ ତାଲିମ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ କିଶୋର ମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ୍, ଶିଶୁ କନ୍ୟା ଯୌନ ନିର୍ଯାତନା ଆଇନ୍, ଏବଂ ବାଲ୍ୟ ବିବାହ ନିଷେଧ ଆଇନ୍ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇ ଥିଲା । ଜିଲ୍ଲାରେ କାର୍ଯ୍ୟ କରୁଥିବା ଜିଲ୍ଲାର ସମସ୍ତ ଥାନାର ସ୍ୱତନ୍ତ୍ର ଶିଶୁ କିଶୋର ପୋଲିସ ଅଧିକାରୀ ଏବଂ ମହିଳା ଓ ଶିଶୁ ଡେସ୍କ ପୋଲିସ ର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ମାନଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଯୋଗଦାନ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ । ଏହି ତାଲିମ ଶିବୀରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପରିଚାଳନା କରିଥିଲେ । ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପଧାନ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲି , ବିଶେଷଜ୍ଞ କମିଟି ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଓ ଯତ୍ନ ସମ୍ବନ୍ଧିୟ ଆଇନ୍ ବିଷୟରେ ଆଲୋଚନା କରିଥିଲେ । ଏହି ତାଲିମ କାର୍ଯକ୍ରମ ରେ ସାଧନ କର୍ମୀ ଭାବରେ ପ୍ରତାପ କୁମାର ରଣା, ଏସଡ଼ିପିଓ ତଥା ଡିଏସପି ଏଚ ଆର ପି ସି ସୋନପୁର , ସ୍ପେସିଆଲ ପିପି ପୋକ୍ସୋ ଦଶରଥ ମହାରଣା ,ବୌଦ୍ଧ ଶିଶୁ ମଙ୍ଗଳ କମିଟି ସଦସ୍ୟ, ରାଜୀବ କୁମାର ନାୟକ , ସୋନପୁର କିଶୋର ନ୍ୟାୟ ପରିଷଦ ସଦସ୍ୟ ରଞ୍ଜିତା ସାହୁ, ଏବଂ ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ଶିଶୁ ମଙ୍ଗଳ କମିଟି, କିଶୋର ନ୍ୟାୟ ବୋର୍ଡ଼ ରେ ଶିଶୁ ମାନଙ୍କ ଉପସ୍ଥାନ ସମୟରେ ପୋଲିସ ର ଦିୟିତ୍ୱ ଓ କର୍ତ୍ତବ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ପ୍ରଦାନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ,ଶିଶୁ ମଙ୍ଗଳ କମିଟିର ସଦସ୍ୟ ହେମନ୍ତ କୁମାର ସା ଉପସ୍ଥିତ ଥିଲେ । ଉତ୍କଳ ବଳଶ୍ରମ୍ , ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ସଖୀ ର କର୍ମ କର୍ତ୍ତା ମାନେ ମଧ୍ୟ ଉପସ୍ଥିତ ରହି ତାଲିମ ନେଇଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଧନ୍ୟବାଦ୍ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର କର୍ମଚାରୀ ବିଶେଶ୍ୱର ହୋତା, ସ୍ୱାଗତ ରଜ ମିଶ୍ର,ଥବିର କାଲସେ,ରୁଦ୍ର ପ୍ରସନ୍ନ ମିଶ୍ର, ବିଜୟ ବିଶ୍ୱାଳ,ସରିତା ସୁନା ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viöölage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray